**ଜଳସମ୍ପଦ କାର୍ଯ୍ୟାଳୟରୁ ଯନ୍ତ୍ରାଂଶ ଚୋରି**

ଚାନ୍ଦବାଲି,(କିଷାନ ପାତ୍ର)- ଚାନ୍ଦବାଲିରେ ଥିବା ଜଳସମ୍ପଦ ବିଭାଗର ଯନ୍ତ୍ରାଂଶ ଗୃହ ଓ ପୁରୁଣା କାର୍ଯ୍ୟାଳୟ ଗୃହକୁ ଜେସିବି ମେଶିନରେ ଭାଙ୍ଗି ଲକ୍ଷାଧିକ ଟଙ୍କାର ଯନ୍ତ୍ରାଂଶ ଦୁର୍ବୃତ୍ତମାନେ ଚୋରି କରି ନେଇଛନ୍ତି। ବିଜୁ ସ୍ମୃତି ଭବନ ସଂଲଗ୍ନ ପାର୍ଶ୍ୱରେ ମଙ୍ଗଳବାର ବିଳମ୍ବିତ ରାତିରେ ଘର ଭାଙ୍ଗି ଚୋରି ହୋଇଥିବା ବିଭାଗ ପକ୍ଷରୁ ଚାନ୍ଦବାଲି ଥାନାରେ ଲିଖିତ ଅଭିଯୋଗ ହୋଇଛି। ଏନେଇ ମାମଲା(ନଂ.୩୨୭/୨୩) ରୁଜୁ କରି ପୋଲିସ ତଦନ୍ତ ଆରମ୍ଭ କରିଛି।

## ସଂକ୍ଷେପରେ

### ପୂର୍ବ ଶତ୍ରୁତାରୁ ଗୋଷ୍ଠୀ ସଂଘର୍ଷ, ୪ ଗୁରୁତର

ଘସିପୁରା,୧।୧୧(ନିରଞ୍ଜନ ସାହୁ): କେନ୍ଦୁଝର ଜିଲା ଆନନ୍ଦପୁର ଥାନା ଫକୀରପୁର ଗ୍ରାମରେ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଦୁଇ ଗୋଷ୍ଠୀ ମଧ୍ୟରେ ସଂଘର୍ଷ ହୋଇଛି। ଆକ୍ରମଣ ଓ ପ୍ରତି ଆକ୍ରମଣରେ ଉଭୟ ପକ୍ଷର ୪ ଗୁରୁତର ହୋଇ ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି ହୋଇଛନ୍ତି। ଆନନ୍ଦପୁର ପୌରପରିଷଦର ଫକୀରପୁର ଗ୍ରାମରେ ଦଶହରା ପୂଜା ସମୟରେ କୌଣସି କାରଣକୁ ନେଇ ଦୁଇ ଗୋଷ୍ଠୀ ମଧ୍ୟରେ ଛକ୍କାପଞ୍ଝା ଲାଗି ରହିଥିଲା। ବୁଧବାର ଗାଁ ଛକରେ ସେଲୁନରେ ଚୁଟି କାଟିବାକୁ କେନ୍ଦ୍ର କରି କଳହ ହୋଇଥିଲା। ଏପରିକି ଉଭୟ ପକ୍ଷରୁ ମାରଣାସ୍ତ୍ର ସାହାଯ୍ୟରେ ଆକ୍ରମଣ ଓ ପ୍ରତି ଆକ୍ରମଣ ହୋଇଥିଲା। ଗୋଟିଏ ପାର୍ଶ୍ୱର ସଚିନ ଯେନା, ବିଶ୍ୱମ୍ଭର ଯେନା ଗୁରୁତର ହୋଇଥିବାବେଳେ ଅନ୍ୟପାର୍ଶ୍ୱର ଶରଣ ରାଉଳ ଓ ବିଶ୍ୱଜିତ୍ ସାହାଣୀ ଗୁରୁତର ହୋଇଥିଲେ। ଦୁଇ ପକ୍ଷର ଅଭିଯୋଗ ଆଧାରରେ ପୃଥକ ମାମଲା ରୁଜୁ ହୋଇଥିବା ଥାନା ଅଧିକାରୀ ଲକ୍ଷ୍ମୀକାନ୍ତ ପ୍ରଧାନଙ୍କଠାରୁ ସୂଚନା ମିଳିଛି।

### ଫାଇନାନ୍ସ କମ୍ପାନୀ କର୍ମଚାରୀଙ୍କଠାରୁ ଲୁଟ୍

ବୈଶିଙ୍ଗା,୧।୧୧(ରତନ ଦାଶ)– ମୟୂରଭଞ୍ଜ ଜିଲା ବୈଶିଙ୍ଗା ଥାନା ଅଧୀନ ମାଣତ୍ରୀ–ଭୀମଦା ରାସ୍ତାରେ ମଙ୍ଗଳବାର ଅପରାହ୍ନରେ ଫାଇନାନ୍ସ କମ୍ପାନୀର ଜଣେ କର୍ମଚାରୀଙ୍କୁ ଦୁର୍ବୃତ୍ତମାନେ ମାଡ଼ ମାରି ୬୦ ହଜାରରୁ ଅଧିକ ଟଙ୍କା ଲୁଟି ନେଇଥିବା ଅଭିଯୋଗ ହୋଇଛି। ଫାଇନାନ୍ସ କମ୍ପାନୀ କର୍ମଚାରୀ ମନୀନ୍ଦ୍ର ଶୋ ୭ଟି ଗ୍ରୁପରୁ ସଂଗୃହୀତ ଅର୍ଥ ଧରି ଭୀମଦାଠାରୁ ବାଇକ୍ ଯୋଗେ ମାଣତ୍ରୀ ଶାଖାକୁ ଆସୁଥିଲେ। ଏହି ସମୟରେ ଏକ ବାଇକ୍ ଯୋଗେ ୩ଜଣ ମୁଖାପିନ୍ଧା ଯୁବକ ତାଙ୍କୁ ପିଛା କରି ଉକ୍ତ ରାସ୍ତାର ଏକ ନିଛାଟିଆ ସ୍ଥାନରେ ଅଟକାଇବା ସହ ଧକ୍କା ମାରିଥିଲେ। ପରେ ତାଙ୍କଠାରୁ ଟଙ୍କା ବ୍ୟାଗ ଧରି ପଳାଇ ଯାଇଥିଲେ। ଏନେଇ ଅଭିଯୋଗ ପରେ ପୋଲିସ ଏକ ମାମଲା(ନଂ. ୪୦୭/୨୩) ରୁଜୁ କରି ତଦନ୍ତ ଜାରି ରଖିଛି ।

### ବାବାମଣିଙ୍କୁ ଦର୍ଶନକଲେ ନବ ନିଯୁକ୍ତ ବ୍ଲକ୍ ଓ ନଗର କଂଗ୍ରେସ ସଭାପତି

ଧାମନଗର,୧।୧୧(ଦେବେନ୍ଦ୍ର ଆଦିଆ): ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ଧାମନଗର ବ୍ଲକ୍ କଂଗ୍ରେସ କମିଟିର ନବ ନିଯୁକ୍ତ ସଭାପତି ରମେଶ ଚନ୍ଦ୍ର ବେହେରା ଏବଂ ନଗର କଂଗ୍ରେସ କମିଟି ସଭାପତି ମାନସ ରଞ୍ଜନ ମହାପାତ୍ର ବୁଧବାର ବାବା ଆଖଣ୍ଡଳମଣିଙ୍କୁ ଦର୍ଶନ କରିଥିଲେ। ଧାମନଗର ନିର୍ବାଚନ ମଣ୍ଡଳୀର ପୂର୍ବତନ କଂଗ୍ରେସ ବିଧାୟକ ପ୍ରାର୍ଥୀ ଡ. ବିଦ୍ୟାଧର ଜେନା, କଂଗ୍ରେସର ବରିଷ୍ଠ କର୍ମକର୍ତ୍ତା ଅରବିନ୍ଦ ନାୟକ, ଆଲୋକ ସ୍ୱାଇଁ, ମାନସ ରଞ୍ଜନ ସାହୁ, ଚିନ୍ତାମଣି ବାରିକ, ରାଜେଶ ବିଶ୍ୱାଳ, ସନ୍ତୋଷ ହୋତା, ସୁଦର୍ଶନ ଜେନା, ମୃତ୍ୟୁଞ୍ଜୟ ପାଢ଼ୀ, ସୁରଥ ବେହେରା, ବାସୁଦେବ ଜେନା, ବିଶ୍ୱନାଥ ସାହୁ, ସୁରେଶ ଚନ୍ଦ୍ର ଜେନା, ଚୈତନ ସାହୁ, ମନୋଜ ଜେନା, ଅଜୟ ସାହୁ, ଦେବାଶିଷ ପଣ୍ଡା, ପ୍ରଦ୍ୟୁମ୍ନ ସାହୁ ପ୍ରମୁଖ ସାମିଲ ହୋଇଥିଲେ।

# ସୁବର୍ଣ୍ଣରେଖାର ୪ ବାଲି ସଇରାତ ବନ୍ଦ

## ୧୯ଟିରୁ ଉତ୍ତୋଳନ ଲାଗି ଖଣି ବିଭାଗର ତତ୍ପରତା

ଜଳେଶ୍ୱର, ୧।୧୧(ରବିନାରାୟଣ ପାତ୍ର)

ଏନ୍‌ଜିଟିର ରୋକ ଓ ଅନ୍ୟ ବିଭିନ୍ନ କାରଣରୁ ସୁବର୍ଣ୍ଣରେଖା ନଦୀର ଜଳେଶ୍ୱର ତହସିଲ ଅଧୀନରେ ଥିବା ମୋଟ ୨୩ଟି ବାଲି ସଇରାତରୁ ଚଳିତବର୍ଷଠାରୁ ୪ଟିକୁ ବନ୍ଦ କରାଯାଇଛି । ନୂଆ ଆଇନ ଅନୁଯାୟୀ ୧୯ଟି ସଇରାତରୁ ବାଲି ଉତ୍ତୋଳନ ଲାଗି ଏବେ ରାଜସ୍ୱ ବିଭାଗ ପରିବର୍ତ୍ତେ ଖଣିବିଭାଗ ତତ୍ପରତା ପ୍ରକାଶ କରିଛି। କିନ୍ତୁ ଆସନ୍ତା ଜାନୁୟାରୀଠାରୁ ବାଲି ଉତ୍ତୋଳନ ଲାଗି ଖଣି ବିଭାଗ ନିର୍ଦ୍ଦେଶ ଦେଇ ନ ପାରିଲେ ପୁଣି ଆସନ୍ତାବର୍ଷ ବାଲି ଉତ୍ତୋଳନ ସମ୍ଭବ ହୋଇପାରିବ ନାହିଁ । ଫଳରେ ଚୋରାବାଲି ଚାଲାଣକାରୀମାନେ ହଜାର ଯାନ ସାହାଯ୍ୟରେ ବିଭିନ୍ନ ସ୍ଥାନରୁ ବେଆଇନ ଭାବେ ବାଲି ଉତ୍ତୋଳନ କରିବା ଲାଗି ତତ୍ପର ହୋଇଉଠିବେ ।

ପୂର୍ବରୁ ବାଲି ସଇରାତଗୁଡ଼ିକୁ ତହସିଲ ଓ ଉପଜିଲାପାଳଙ୍କ କାର୍ଯ୍ୟାଳୟରୁ ନିଲାମ ଦିଆଯାଇ ରାଜସ୍ୱ ଆଦାୟ ହୋଇଆସୁଥିଲା। କିନ୍ତୁ ସୁବର୍ଣ୍ଣରେଖା ନଦୀର ଜଳେଶ୍ୱର ତହସିଲ ଅଧୀନରେ ୨୩ଟି ବାଲି ସଇରାତ ରହିଥିବାରୁ ସେଗୁଡ଼ିକୁ ନିଲାମ ଦେଇ ଜଳେଶ୍ୱର ତହସିଲ କୋଟି କୋଟି ଟଙ୍କା ଆଦାୟ କରୁଥିଲା । ଗତ ୫ବର୍ଷ ତଳେ ଏନ୍‌ଜିଟିରେ ଏହା ବିରୋଧରେ ମାମଲା ରୁଜୁ ହେବାରୁ ପଶ୍ଚିମବଙ୍ଗ ଓ ଓଡ଼ିଶା ସରକାର, ବାଲେଶ୍ୱର ତଥା ମେଦିନୀପୁର ଜିଲାପାଳଙ୍କୁ ବିଭିନ୍ନ ସମୟରେ ଭର୍ତ୍ସନା କରି ଆସୁଥିଲେ। ଦୀର୍ଘଦିନ ପରେ ଓଡ଼ିଶା ଓ ପଶ୍ଚିମବଙ୍ଗରେ ଥିବା ସୁବର୍ଣ୍ଣରେଖା ନଦୀର ସୀମା ଚିହ୍ନଟ ମଧ୍ୟ କରାଯାଇଛି। ଅନ୍ୟପକ୍ଷରେ ନଦୀର ଗତିପଥ ପରିବର୍ତ୍ତନ ଯୋଗୁ ଚଳିତବର୍ଷଠାରୁ ମହମ୍ମଦନଗରପାଟଣା (କ), (ଖ), (ଗ), (ଘ) ୪ଟି ସଇରାତକୁ ବନ୍ଦ କରି ଦିଆଯାଇଛି । କିନ୍ତୁ ସରକାରଙ୍କ ନୂତନ ନିର୍ଦ୍ଦେଶ ଅନୁଯାୟୀ ରାଜସ୍ୱ ବିଭାଗ ପରିବର୍ତ୍ତେ ଖଣି ବିଭାଗ ବାଲି ସଇରାତ ନିଲାମ ଦେବାକୁ ଥିବାରୁ ୧୯ଟି ସଇରାତ୍ ଲାଗି ପ୍ରସ୍ତୁତି ଆରମ୍ଭ ହୋଇଛି। ଚାଲନ୍ତି, ଶିଖରପୁର, ପଂଚୁଘଣ୍ଟାସ୍ଥିତ ରିଭରବ୍ଲକ (କ), (ଖ), ବାଲିକବାର୍ଡ, ପ୍ରହରାଜପୁର (କ), ଗୋବରଘଟା (ଦକ୍ଷିଣପ୍ରହରାଜପୁର), ମକରମପୁର, ଶେଖସରାଇ (କ),(ଖ), ମାକିଡିଆ (କ), (ଖ), (ଗ), ବିଳାସପୁର, ପ୍ରହରାଜପୁର(ଖ), ରାଜନଗର, ଗୋବର୍ଦ୍ଧନପୁର, ଚଣ୍ଡିବସ୍ତି, ବାଲିଆପାଳ ବାଲି ସଇରାତଗୁଡ଼ିକ ନିଲାମ ପାଇଁ ପ୍ରସ୍ତୁତ ହୋଇଛି । ଏଥିରୁ ଗୋବର୍ଦ୍ଧନପୁର ଓ ଶିଖରପୁର ୨ଟି ସଇରାତକୁ ନିଲାମ ଦିଆଯିବା ଲାଗି ପ୍ରସ୍ତୁତି କାର୍ଯ୍ୟ ଶେଷ ହୋଇଛି । ରାଜନଗର ବାଲି ସଇରାତ ଲାଗି ପ୍ରଶାସନର ଜନଶୁଣାଣି କାର୍ଯ୍ୟ ଶେଷ ହୋଇଛି। ଏଥିଲାଗି ଖଣିବିଭାଗ ତତ୍ପର ଥିବା ବେଳେ ବରଡିହାଠାରେ ଏକ ମୋରମ ଖାଦାନ ନିଲାମ ଦିଆଯିବା ଲାଗି ବ୍ୟବସ୍ଥା ହୋଇଛି । ଏସବୁ ବାଲି ସଇରାତଗୁଡ଼ିକ ଅତିଶୀଘ୍ର ନିଲାମ ଦିଆଯିବା ଲାଗି ବ୍ୟବସ୍ଥା ହେଲେ କେବଳ ଚୋରି ବନ୍ଦ ହେବ ତାହା ନୁହେଁ, ବିଭିନ୍ନ ସରକାରୀ ପ୍ରକଳ୍ପ, ବେସରକାରୀ ପ୍ରକଳ୍ପ କାର୍ଯ୍ୟ ଲାଗି କମ୍ ମୂଲ୍ୟରେ ବାଲି ପର୍ଯ୍ୟାପ୍ତ ମୂଲ୍ୟରେ ବାଲି ମିଳିପାରିବା ସହିତ ସାଧାରଣ ଗରିବ ଲୋକେ ପାଇଥିବା ଆବାସ ଯୋଜନାରେ ଘର ଯଥାଶୀଘ୍ର କରିପାରିବାର ସମ୍ଭାବନା ରହିଛି।

# ଏମ୍‌ପିଙ୍କ ପାଣ୍ଠିରୁ ସୋଲାର ଉଜ୍ଜ୍ୱଳ ଆଲୋକ ବ୍ୟବସ୍ଥା



ଉଜ୍ଜ୍ୱଳ ଆଲୋକ ଶୁଭାରମ୍ଭ ସମୟରେ ଉପସ୍ଥିତ ଭାଜପା କର୍ମୀ।

ରୂପସା, ୧।୧୧(ବାଞ୍ଛାନିଧି ଦେ)

ବାଲେଶ୍ୱର ଜିଲା ବସ୍ତା ବ୍ଲକ ବାହାର୍ଦା ପଞ୍ଚାୟତ ଗହୀର ସିମୁଳିଆ ପଳାସିଆ ସାହି ଛକରେ ବୁଧବାର ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କ ଏମ୍‌ପି ପାଣ୍ଠି ପ୍ରଦତ୍ତ ୧ଲକ୍ଷ ୨୫ହଜାର ଟଙ୍କା ବ୍ୟୟ ଅଟକଳରେ ସୋଲାର ଉଜ୍ଜ୍ୱଳ ଆଲୋକ ବ୍ୟବସ୍ଥା ହୋଇଛି। ସେହିପରି ବ୍ଲକ ଅଧୀନ ଉପର ବାରାପାଳ, ବାହାର୍ଦା, ରାଉତପଡ଼ାରେ ମଧ୍ୟ ଏହି ଆଲୋକ ବ୍ୟବସ୍ଥା ଶୁଭାରମ୍ଭ କରାଯାଇଛି। ଆଲୋକ ବ୍ୟବସ୍ଥା ଶୁଭାରମ୍ଭ ସମୟରେ ବସ୍ତା ଭାଜପା ମିଡ଼ିଆ ସଂଯୋଜକ ଇଂ. ଦିବାକର ରାଉତ, ଭାଜପା ଯୁବମୋର୍ଚ୍ଚା ସାଧାରଣ ସମ୍ପାଦକ ନିହାର ରଞ୍ଜନ ବେହେରା, ପଞ୍ଚାୟତ ମିଡ଼ିଆ ସଂଯୋଜକ ନିଧିଆ ମାରାଣ୍ଡି, ଶକ୍ତି କେନ୍ଦ୍ର ପ୍ରମୁଖ ଫାଗୁ ମାରାଣ୍ଡି, ରଘୁ ସିଂ, ମୃତ୍ୟୁଞ୍ଜୟ ମହାପାତ୍ର, ଫାଗୁ ସିଂ, କଟିଆ ମାରାଣ୍ଡି, ବାଇଧର ସିଂ, ଟୁକୁଲୁ ସିଂ, କୁନା ସିଂ, ଖଗେଶ୍ୱର ବେହେରା ଓ ଦିଲୀପ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ମୋଗଲ ତାମସା ଦର୍ଶକଙ୍କ ମନମୋହିଲା



କଳାକାରମାନେ ମୋଗଲ ତାମସା ପରିବେଷଣ କରୁଛନ୍ତି।

## ଭଣ୍ଡାରିପୋଖରୀ ମହୋତ୍ସବର ତୃତୀୟ ସନ୍ଧ୍ୟା

ଭଣ୍ଡାରିପୋଖରୀ,୧।୧୧(ରବିନାରାୟଣ ଖିଲାର)

ଭଦ୍ରକ ଜିଲା ମାଳଦା ଜଗନ୍ନାଥ ବଜାର ବଣିକ ସଂଘର ଗଜଲକ୍ଷ୍ମୀ ପୂଜା ଓ ଭଣ୍ଡାରିପୋଖରୀ ମହୋତ୍ସବର ବୁଧବାର ତୃତୀୟ ସନ୍ଧ୍ୟାରେ ମୋଗଲ ତାମସା ପରିବେଷଣ ହୋଇଥିଲା। ଚିତାକର୍ଷକ ପ୍ରଦର୍ଶନରେ ଦର୍ଶକ ମନ୍ତ୍ରମୁଗ୍ଧ ହୋଇଥିଲେ। ଏହାଛଡ଼ା ଶୁକଦେବ ଜେନା ଉଚ୍ଚ ବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ସମସ୍ତଙ୍କୁ ଆତ୍ମବିଭୋର କରିଥିଲା। ଉତ୍ସବ ଉପଲକ୍ଷେ ସାହିତ୍ୟିକ ପ୍ରୀତିକାନ୍ତ ରାଉତଙ୍କ ସଭାପତିତ୍ୱରେ ସଭାରେ ମୁଖ୍ୟ ଅତିଥିଭାବେ ବିଡିଓ ଦେବଦତ୍ତ ଦାଶ, ମୁଖ୍ୟ ବକ୍ତାଭାବେ ଡା. କାର୍ତ୍ତିକ ଚନ୍ଦ୍ର ରାଉତ, ବିଶିଷ୍ଟ ଅତିଥିଭାବେ ଜିଲା ପରିଷଦ ସଭ୍ୟ ଉତ୍କଳ କେଶରୀ ମହାନ୍ତି, ନିମନ୍ତ୍ରିତ ଅତିଥିଭାବେ ଥାନା ଅଧିକାରୀ ଅଜୟ ସୁଦର୍ଶନ, ନାଟ୍ୟକାର ଅରୁଣ ବାରିକ, ସାମାଜିକ କର୍ମୀ ନୀଳାମ୍ବର ରାଉତ, ପ୍ରତ୍ୟୁସ ସାମଲ, ମୋହନ ରାୟ, ଶିକ୍ଷକ ସଞ୍ଜିତ ସାମଲ, ନସିଙ୍ଗ ସାମଲ ପ୍ରମୁଖ ଯୋଗଦେଇ ମହୋତ୍ସବ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ମହୋତ୍ସବ କମିଟି ସଭାପତି ରବିନାରାୟଣ ଖିଲାର ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିବା ବେଳେ ସାହିତ୍ୟିକ କାର୍ତ୍ତିକ ଚନ୍ଦ୍ର ସ୍ୱାଇଁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଯୁବ ସଂଗଠକ ଦେବେନ୍ଦ୍ର ଦାସ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଖବରଦାତା ଦୁର୍ଯ୍ୟୋଧନ ଲେଙ୍କା ମଞ୍ଚ ଆହ୍ୱାନ ଓ ବଜାର କମିଟି ସମ୍ପାଦକ ତଥା ସାମ୍ବାଦିକ ରାଜେନ୍ଦ୍ର ଶତପଥି ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଅତିଥିମାନେ ସରପଞ୍ଚ ଅନିତା ରାଣୀ ରାଉତ ଓ ଅମୂଲ୍ୟ ନାୟକଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ତୃତୀୟ ସନ୍ଧ୍ୟା ଉତ୍ସବକୁ ବଜାର କମିଟି ସଭାପତି କମଳାକାନ୍ତ ସାମଲ, କାହ୍ନୁ ବାରିକ, ମୁନିର ଧଳ, ନିଶିକାନ୍ତ ସୂତାର, ଚନ୍ଦ୍ର ଶେଖର ଦତ୍ତ, ଧିରେନ୍ଦ୍ର ନାୟକ, ଗଣେଶ ସାମଲ, ଗୋପାଳ କୁଅଁର ପ୍ରମୁଖ ପରିଚାଳନା କରିଥିଲେ।

# ବୁଣା ତାଲିମ ପାଇଁ ୧୦୫ ମହିଳା ଆବେଦନ କଲେ

ବନ୍ତ,୧।୧୧(ହରିନାରାୟଣ ମହାନ୍ତି)

ଭଦ୍ରକ ଜିଲା ବନ୍ତ ବ୍ଲକ୍ ଗୋପିନାଥପୁର ଓ କାଦବରାଙ୍ଗ ପଞ୍ଚାୟତର ୧୦୫ ଆବେଦନକାରୀ ଓଡ଼ିଶା ସରକାରଙ୍କ ବୟନଶିଳ୍ପ ବିଭାଗରୁ ମୌଳିକ ଓ ଯନ୍ତ୍ର ସାହାଯ୍ୟରେ ବୁଣା ତାଲିମ ନେବା ପାଇଁ ଅନ୍‌ଲାଇନରେ ନାମ ପଞ୍ଜୀକୃତ କରିଛନ୍ତି। ଗୋପିନାଥପୁର ପଞ୍ଚାୟତ ଅଧୀନ ତାଜିପୁରରୁ ୧୧, ଗୋପିନାଥପୁରରୁ ୩୦, ମାର୍କଣ୍ଡପୁରରୁ ୨, ତୁଳସୀପୁରରୁ ୧, ସାହୁପଡ଼ାରୁ ୨୪ ମହିଳା ମୌଳିକ ବୁଣାକାର ତାଲିମ ପାଇଁ ଆବେଦନ କରିଛନ୍ତି। ସେହିପରି ଗୋପିନାଥପୁର ପଞ୍ଚାୟତ ଅଧୀନ ଅମରସିଂହପୁର, ସାହୁପଡ଼ାରୁ ୨୪ ମହିଳା ଓ ଜଣେ ପୁରୁଷ ଏବଂ କାଦବରାଙ୍ଗ ପଞ୍ଚାୟତ ଅଧୀନ କାଦବରାଙ୍ଗରୁ ୧୨ ମହିଳା ଯନ୍ତ୍ର ସାହାଯ୍ୟରେ ବୁଣା ତାଲିମ ପାଇଁ ଅନ୍‌ଲାଇନରେ ନାମ ପଞ୍ଜୀକୃତ କରିଛନ୍ତି। ପ୍ରକାଶ ଥାଉକି, ଗତ ସେପ୍ଟେମ୍ବର ୨୦ରେ ଲୋକଶକ୍ତିର ମୁଖ୍ୟ ରବିନ୍ଦ୍ର କୁମାର ରାୟ, ସମ୍ପାଦକ ଜୟନ୍ତ କୁମାର ବାଗ, ମୌନାଧ୍ୱନି ସଂସ୍ଥା ତଥା ଯୁବ ବିକାଶର ସମ୍ପାଦକ ଗୋବିନ୍ଦ ଦଳେଇ, ସାମାଜିକ କର୍ମୀ ଗୋପିନାଥ ଦାଶ, ନୃସିଂହ ମହାନ୍ତି ପ୍ରମୁଖ ଦୁଇ ପଞ୍ଚାୟତ ଗ୍ରସ୍ତରେ ଆସି ମିଶନଶକ୍ତି ମହିଳା ମାନଙ୍କୁ ହସ୍ତତନ୍ତ ଓ ବୟନ ଶିଳ୍ପର ପୁନରୁଦ୍ଧାର କରି ଲୁଗା ଓ ବ୍ୟାଗ ବୁଣାରେ ସାମିଲ ହୋଇ ଉପାର୍ଜନ କ୍ଷମ ହେବାକୁ ପରାମର୍ଶ ଦେଇଥିଲେ। ଏଥିରେ ଅନୁପ୍ରାଣିତ ହୋଇ ମିଶନଶକ୍ତି ମହିଳାମାନେ ସରକାରଙ୍କ ବୟନଶିଳ୍ପ ବିଭାଗର ବୁଣାକାର ତାଲିମ ପାଇଁ ନାମ ପଞ୍ଜୀକରଣ କରିବା ସହିତ ଯଥାଶୀଘ୍ର ସେମାନଙ୍କୁ ତାଲିମ ପ୍ରଦାନ କରିବାକୁ ଜିଲାପାଳ ଏବଂ ବୟନଶିଳ୍ପ ବିଭାଗକୁ ନିବେଦନ କରିଥିବା ଜଣାଯାଇଛି ।

# ମରାମତି ହେଲା ପାଣି ପାଇପ୍

## ଧରିତ୍ରୀ ପ୍ରଭାବ

### ରାସ୍ତାରେ ପାଣିଫୁଆରା ଘଟଣା

କେନ୍ଦୁଝର, ୧।୧୧ (ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ସହର ଧର୍ମଶାଳା ରାସ୍ତାରେ ଦୀର୍ଘ ଦିନ ଧରି ପିଇବା ପାଣି ପାଇପ ଫାଟି ରାସ୍ତାରେ ଫୁଆରା ସୃଷ୍ଟି ହୋଇଥିଲା। ଏହାଦ୍ୱାରା ସଂକ୍ରମଣ ରୋଗ ଆଶଙ୍କା ରହିଥିବା ବେଳେ ଜଳ ନଷ୍ଟ ହେଉଥିବାରୁ ଅସନ୍ତୋଷ ପ୍ରକାଶ ପାଇଥିଲା। ଏନେଇ ଅଭିଯୋଗ ପରେ ମଧ୍ୟ ମରାମତି ହେଉ ନ ଥିଲା। ପାଣି ପ୍ରବାହ ଯୋଗୁ ଉକ୍ତ ସ୍ଥାନରେ ଯାତାୟାତରେ ସମସ୍ୟା ସୃଷ୍ଟି ହୋଇଥିବା ବେଳେ ପାଖରେ ବସି ବିକ୍ରିବଟା କରୁଥିବା ବନବାସୀ ଅସୁବିଧାର ସମ୍ମୁଖୀନ ହେଉଥିଲେ। ଉକ୍ତ ଖବର ଧରିତ୍ରୀରେ ଅକ୍ଟୋବର ୨୯ ତାରିଖରେ 'ପାଇପ ଫାଟି ରାସ୍ତାରେ ପାଣି ଫୁଆରା' ଶୀର୍ଷକ ଖବର ପ୍ରକାଶ ପାଇଥିଲା। ଖବର ପ୍ରକାଶର ପରଦିନ ଅର୍ଥାତ୍ ଅକ୍ଟୋବର ୩୦ରେ ଏହାର ମରାମତିକରି କଂକ୍ରିଟ କରାଯାଇଛି। ତେବେ କେନ୍ଦୁଝର ସହରର ଅନ୍ୟାନ୍ୟ ଅଞ୍ଚଳରେ ମଧ୍ୟ ଏଭଳି ପାଇପ୍ ଫାଟି ପାଣି ବୋହୁଥିବା ଦେଖାଯାଇଛି। ସେସବୁ କେବେ ମରାମତି ହେବ ତାହା ଦେଖିବାକୁ ବାକି ରହିଲା।



ପାଇପ ମରାମତି କରି ରାସ୍ତା କଂକ୍ରିଟ କରାଯାଇଛି।

# ମହିଳାଙ୍କଠାରୁ ଝାମ୍ପିନେଲେ ୬୦ହଜାର

ରାଇବଣିଆ, ୧।୧୧(ନବୀନ ସାହୁ)

ବାଲେଶ୍ୱର ଜିଲା ଜଳେଶ୍ୱର ଥାନା ଅଧୀନ ପାଇକସିଦା ଗ୍ରାମର ରୀତା ପାଳ ନାମ୍ନୀ ମହିଳା ବୁଧବାର ଦିନ ଦ୍ୱିପ୍ରହରରେ ବ୍ୟାଙ୍କରୁ ଟଙ୍କା ଉଠାଇ ଆସୁଥିବା ବେଳେ ଦୁର୍ବୃତ୍ତମାନେ ବାଇକ୍‌ରେ ଆସି ୬୦ ହଜାର ଟଙ୍କା ଝାମ୍ପି ନେଇଛନ୍ତି। ସେ ଜଳେଶ୍ୱରର ପୁରୁଣା କୋର୍ଟବଜାରସ୍ଥିତ ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କରୁ ଆବାସ ଯୋଜନା ପାଇଁ ଆସିଥିବା ଟଙ୍କା ବ୍ୟାଙ୍କରୁ ଉଠାଇ ଚାଲି ଚାଲି ଆସୁଥିବା ବେଳେ ବ୍ୟାଙ୍କଠାରୁ କିଛି ଦୂରରେ ୨ ଜଣ ଯୁବକ କଳା ପଲସର୍‌ରେ ପଛପଟୁ ଆସି ମହିଳାଙ୍କଠାରୁ ଟଙ୍କା ବ୍ୟାଗ ଛଡ଼ାଇ ନେଇ ଚମ୍ପଟ ମାରିଥିଲେ। ସେଥିରେ ୬୦ହଜାର ଟଙ୍କା, ବ୍ୟାଙ୍କ ପାସ୍‌ବୁକ, ଦୁଇଟି ଏଟିଏମ୍ ଏବଂ ବିଭିନ୍ନ ଜରୁରୀ କାଗଜପତ୍ର ଥିଲା। ମହିଳାଜଣକ ଏନେଇ ଜଳେଶ୍ୱର ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

# ସରପଞ୍ଚ ସଂଘର ନୂତନ କର୍ମକର୍ତ୍ତା

ବାଙ୍ଗିରିପୋଷି,୧।୧୧(ସଞ୍ଜୟ କୁମାର ଅଗ୍ରୱାଲ)

ବାଙ୍ଗିରିପୋଷି ବ୍ଲକ ଅଧୀନ ୧୯ ଗ୍ରାମ ପଞ୍ଚାୟତର ସରପଞ୍ଚମାନଙ୍କୁ ନେଇ ଗଠିତ ସରପଞ୍ଚ ସଂଘର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ନୂତନ କର୍ମକର୍ତ୍ତା ନିର୍ବାଚିତ ହୋଇଛନ୍ତି। ସଭାପତି ଭାବେ ବଣକାଟୀ ପଞ୍ଚାୟତର ସରପଞ୍ଚ ସୁଦର୍ଶନ ନାଏକ, ଉପସଭାପତି ବୁଢୀଖମାରୀ ସରପଞ୍ଚ ଝରଣା ମାର୍ଣ୍ଡି, ସମ୍ପାଦକ ଗୋଲାମୁଣ୍ଡାକଟା ସରପଞ୍ଚ ଗୌରହରି ନାଏକ, ସହ ସମ୍ପାଦକ ପଥୁରୀ ପଞ୍ଚାୟତ ସରପଞ୍ଚ ଜୟନ୍ତି ନାଏକ, କୋଷାଧ୍ୟକ୍ଷ ନିଶ୍ଚିନ୍ତା ସରପଞ୍ଚ ସୁକ୍ରା ସିଂ, ଉପଦେଷ୍ଟା ଭାବେ ଭୁଆଶୁଣି ସରପଞ୍ଚ ପରେଶ ମାର୍ଣ୍ଡି, ଅନୀତା ବିଜୁଳି, ମୀତା ନାଏକ ନିର୍ବାଚିତ ହୋଇଛନ୍ତି। ନୂତନ ଭାବେ ଯୋଗ ଦେଇଥିବା ବିଡିଓ ମାନସ ଦଣ୍ଡପାଟଙ୍କୁ ସଂଘର ସମସ୍ତ ସଦସ୍ୟ ଫୁଲତୋଡ଼ା ଦେଇ ସ୍ୱାଗତ ଜଣାଇଥିଲେ।

# ଆନ୍ତଃ ବିଶ୍ୱବିଦ୍ୟାଳୟସ୍ତରୀୟ କବାଡ଼ି ପ୍ରତିଯୋଗିତା

ବାରିପଦା,୧।୧୧(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ବାରିପଦା ତକତପୁରସ୍ଥିତ ମହାରାଜା ଶ୍ରୀରାମଚନ୍ଦ୍ରଭଞ୍ଜଦେଓବିଶ୍ୱବିଦ୍ୟାଳୟରେ ଆନ୍ତଃ ବିଶ୍ୱବିଦ୍ୟାଳୟସ୍ତରୀୟ କବାଡ଼ି ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଛି। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ତତ୍ତ୍ୱାବଧାନରେ ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର ହେମନ୍ତ କୁମାର ସାହୁ ଉପସ୍ଥିତ ଥିଲେ। ମହିଳା ଓ ପୁରୁଷ ବିଭାଗକୁ ନେଇ ଏହି ପ୍ରତିଯୋଗିତା ଆସନ୍ତା ୬ ତାରିଖ ପର୍ଯ୍ୟନ୍ତ ଚାଲିବ। ପ୍ରତିଯୋଗିତାରେ ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ବିଭାଗ, ବିଶ୍ୱବିଦ୍ୟାଳୟ ଦ୍ୱାରା ଅନୁବନ୍ଧିତ ମହାବିଦ୍ୟାଳୟ ଗୁଡ଼ିକର ଛାତ୍ରୀଛାତ୍ରମାନେ ଭାଗ ନେଇଛନ୍ତି। ଉଦ୍‌ଘାଟନୀ ମ୍ୟାଚରେ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ବିଭାଗ ସ୍ୱାମଟଣା ଆଞ୍ଚଳିକ ମହାବିଦ୍ୟାଳୟକୁ ୬୬–୪୩ରେ ପରାସ୍ତ କରିଥିଲା। ବିଶ୍ୱବିଦ୍ୟାଳୟ ଆଇକ୍ୟୁଏସି ନିର୍ଦ୍ଦେଶକ ପ୍ରଫେସର ଏମ୍.ହିମବିନ୍ଦୁ ଉପସ୍ଥିତ ରହି ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। କାର୍ଯ୍ୟକ୍ରମକୁ ବିଶ୍ୱବିଦ୍ୟାଳୟ ଆଥଲେଟିକ୍ କ୍ଲବର ଉପସଭାପତି ସହଯୋଗୀ ପ୍ରଫେସର ଡ. ବିଶ୍ୱଜିତ ରଥ ପରିଚାଳନା କରୁଥିବାବେଳେ ବିଶ୍ୱବିଦ୍ୟାଳୟର କ୍ରୀଡ଼ା ଶିକ୍ଷକ ପ୍ରଦୀପ୍ତ ରଞ୍ଜନ ଦାସ ପର୍ଯ୍ୟାୟବାଚୀ କାର୍ଯ୍ୟକ୍ରମକୁ ପରିଚାଳନା କରୁଛନ୍ତି।



ଉଦ୍‌ଘାଟନୀ ମ୍ୟାଚରେ ଭାଗ ନେଇଥିବା ଖେଳାଳିମାନେ।

# ୨ ବର୍ଷ ପରେ ବି ସରୁନି ୫ କି.ମି. ରାସ୍ତା

- ରୁଗୁଡ଼ି–କାଟେସାହି ରାସ୍ତା ଅବସ୍ଥା ଶୋଚନୀୟ
- ଜିଲା ଖଣିଜ ପାଣ୍ଠିରୁ ଅର୍ଥ ବରାଦ ହୋଇଛି

ଯୋଡ଼ା,୧।୧୧(ମାନସ ମହାନ୍ତି)

କେନ୍ଦୁଝର ଜିଲା ଯୋଡ଼ା ବ୍ଲକ୍ ଅନ୍ତର୍ଗତ ଲୋଇଡ଼ାପଦା, ଗୁଆଲି ପଞ୍ଚାୟତରେ ଥିବା ରୁଗୁଡ଼ି–କାଟେସାହି ରାସ୍ତା ଅବସ୍ଥା ଶୋଚନୀୟ ହୋଇପଡ଼ିଛି। ଉକ୍ତ ରାସ୍ତାରେ ଯୋଡ଼ାର ଉକ୍ତ ୨ ପଞ୍ଚାୟତ ସମେତ ସୁନ୍ଦରଗଡ଼ ଜିଲା ମାଳଦା ପଞ୍ଚାୟତବାସୀ ଯାତାୟାତ ନିମନ୍ତେ ନିର୍ଭରକରନ୍ତି। ପ୍ରାୟ ୫ କି.ମି. ରାସ୍ତା ନିର୍ମାଣ ନିମନ୍ତେ ଜିଲା ଖଣିଜ ପାଣ୍ଠିରୁ ୧୦ କୋଟି ୭୧ ଲକ୍ଷ ୩୬ ହଜାର ଟଙ୍କା ମଞ୍ଜୁର ହୋଇଥିଲା। ମାତ୍ର ଅନୁଦାନ ମଞ୍ଜୁରୀକୁ ୨ ବର୍ଷ ବିତିଯାଇଥିଲେ ମଧ୍ୟ ରାସ୍ତା କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇପାରୁନାହିଁ। ଏ ନେଇ ସ୍ଥାନୀୟ ଲୋକେ ଓ ଜନପ୍ରତିନିଧି ବାରମ୍ବାର ଅଭିଯୋଗ କରିବା ସତ୍ତ୍ୱେ କୌଣସି ଫଳ ମିଳିନାହିଁ। ରାସ୍ତା ଦୁରବସ୍ଥା କାରଣରୁ ଖଣି ଅଞ୍ଚଳ ଦ୍ୱାରା ପ୍ରଭାବିତ ଲୋଇଡ଼ାପଦା, କଲହ ରୁଡୁକେଲା, ଭୂୟାଁ ରୁଡୁକେଲା, କାଟେସାହି ପ୍ରମୁଖ ଗ୍ରାମବାସୀ ଯାତାୟାତରେ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି।

ସୂଚନା ଅନୁଯାୟୀ, ରାସ୍ତାଟି ଯୋଡ଼ା ଖଣି ମଣ୍ଡଳର ପ୍ରାୟ ୫ଟି ଖଣିକୁ ଅତିକ୍ରମ କରିଥାଏ। ରାସ୍ତା ଦେଇ ଦୈନିକ ଅନେକ ହଜାର ଟ୍ରକ୍ ଖଣିଜ ବୋଝେଇ କରି ପରିବହନ ଓ ବିଭିନ୍ନ ରେଳ ସାଇଡିଂକୁ ପରିବହନ କରିଥାଆନ୍ତି। ସେହିପରି ସୁନ୍ଦରଗଡ଼ ଜିଲା କୋଇଡ଼ା ଖଣି ମଣ୍ଡଳର ୪ଟି ଖଣିରୁ ଲୁହାପଥର ପରିବହନ ହୋଇଥାଏ। ଖଣି କମ୍ପାନୀଗୁଡ଼ିକ ଖଣି ପ୍ରଭାବିତ ଅଞ୍ଚଳର ବିକାଶ ପାଇଁ ଜିଲା ଖଣିଜ ପାଣ୍ଠିକୁ ଅର୍ଥ ଦେଉଥିବାରୁ ସେମାନେ ରାସ୍ତାରେ ମାଟି ଗଣ୍ଡାଏ ମଧ୍ୟ ପକାଉନାହାନ୍ତି। ସାମାଜିକ ଦାୟିତ୍ୱବୋଧତାକୁ ଭୁଲିଯାଇ ନିଜର ଖଣିଜ ପରିବହନକୁ ଅଗ୍ରାଧିକାର ଦେଉଛନ୍ତି ବୋଲି ଭୂୟାଁ ରୁଡୁକେଳାର ଧବଳେଶ୍ୱର ନାଏକ କହିଛନ୍ତି। ସେହିପରି ଗ୍ରାମର ଗଣେଶ୍ୱର ନାଏକ, ଦର୍ଜି ମୁଣ୍ଡା, ହୃଷି ମୁଣ୍ଡା, ସୁକୁମତି ମୁଣ୍ଡା, ସସ୍ମିତା ପୂର୍ତ୍ତି, ସିଙ୍ଗରାଏ ମୁଣ୍ଡା ପ୍ରମୁଖ କହିଛନ୍ତି, ସଡ଼କର ଧୂଳିଧୂଆଁ ଓ ପ୍ରଦୂଷଣ ପାଇଁ ଜୀବନ ନର୍କ ସଦୃଶ ହୋଇଗଲାଣି। ଡିଏମ୍‌ଏଫ୍ ଟଙ୍କାରେ ୨୦୨୧ ଅଗଷ୍ଟଠାରୁ ରାସ୍ତା କାମ ଆରମ୍ଭ ହୋଇ ଫେବୃୟାରୀ ୨୦୨୨ ମଧ୍ୟରେ ସମ୍ପୂର୍ଣ୍ଣ କରିବାର ସମୟ ଧାର୍ଯ୍ୟ ହୋଇଥିଲା। ଠିକା ସଂସ୍ଥା କଂକ୍ରିଟ କାମ ଆରମ୍ଭକରି ଅଧାପନ୍ତରିଆ ଭାବେ ଛାଡ଼ି ପଳାଇଛି। ଫଳରେ ଦୀର୍ଘ ୫ ମାସ ହେବ କାମ ବନ୍ଦ ହୋଇଯାଇଛି। ନିର୍ମାଣ ହୋଇଥିବା କିଛି ରାସ୍ତା ନିମ୍ନମାନର ଯୋଗୁ ସମ୍ପୂର୍ଣ୍ଣ କଂକ୍ରିଟ ଉଠିଯାଇ ଖାଲଖମାରେ ଭର୍ତ୍ତି ହୋଇଛି। ଯୋଡ଼ା ବ୍ଲକ୍ ଅଧ୍ୟକ୍ଷ କବୀନ୍ଦ୍ର ନାଏକ କହିଛନ୍ତି, କଂକ୍ରିଟ୍ ରାସ୍ତା ନିର୍ମାଣ ଶୀଘ୍ର ସାରିବାକୁ ବ୍ଲକ୍ ପକ୍ଷରୁ ଲିଖିତ ଭାବେ ଜଣାଯାଇଛି। ବିଭାଗୀୟ ଅଧିକାରୀମାନେ ବିଭିନ୍ନ ସମୟରେ ବ୍ଲକ୍‌ରେ ଆଲୋଚନା କରୁଛନ୍ତି, ମାତ୍ର ଗ୍ରାମ୍ୟ ଉନ୍ନୟନ ବିଭାଗର ଅଧିକାରୀମାନେ ବିଭିନ୍ନ ସମୟରେ ବ୍ଲକ୍‌ରେ ଆଲୋଚନା କରୁଛନ୍ତି। ଗ୍ରାମ୍ୟ ଉନ୍ନୟନ ବିଭାଗର ଉଦାସୀନତା କାରଣରୁ ନୂତନ ଠିକାଦାର ନିୟୋଜିତ ହୋଇପାରୁନାହିଁ। ଲୋଇଡ଼ାପଦା ସରପଞ୍ଚ ବିଳାସିନୀ ଓରାମ, ନାଏବ ସରପଞ୍ଚ ତୁଷାର ନାଏକ, ୱାର୍ଡ ମେମ୍ବର ଗାଭାସ୍କର ପୂର୍ତ୍ତି, ସ୍ଥାନୀୟ ଅଧିବାସୀ ମହେଶ୍ୱର ଘଣା ପ୍ରମୁଖ କହିଛନ୍ତି, ଗ୍ରାମ୍ୟ ଉନ୍ନୟନ ଏସ୍‌ଡିଓଙ୍କୁ ବାରମ୍ବାର ଅଭିଯୋଗ କରିବା ସତ୍ତ୍ୱେ କୌଣସି ଫଳ ନ ମିଳିବାରୁ ୩ ଥର ଯୋଡ଼ା ବ୍ଲକ୍‌ରେ ଅନୁଷ୍ଠିତ ଜନଶୁଣାଣିରେ ଅଭିଯୋଗକରି ମଧ୍ୟ କୌଣସି ନିଷ୍କର୍ଷ ମିଳିଲା ନାହିଁ। ଠିକାସଂସ୍ଥାର ମ୍ୟାନେଜର ଲକ୍ଷ୍ମୀଧର ଦାସ କହିଛନ୍ତି, ସିମେଣ୍ଟ–ବଜୁରି (ଚିପ୍ସ) ଗୋଳା ମିକ୍ସର କାରଖାନାର କିଛି ଯନ୍ତ୍ରାଂଶ ପୋଡ଼ିଯାଇଥିବାରୁ କାର୍ଯ୍ୟ ବିଳମ୍ବ ହୋଇଛି। ଗ୍ରାମ୍ୟ ଉନ୍ନୟନ ବିଭାଗର ଏସ୍‌ଡିଓ ରାମଚନ୍ଦ୍ର ପ୍ରଧାନ କହିଛନ୍ତି, ଠିକା ସଂସ୍ଥାର କାର୍ଯ୍ୟାଦେଶକୁ ବାତିଲ କରିବା ପାଇଁ ଜିଲାପାଳଙ୍କୁ ଅବଗତ କରାଯାଇଛି। ନିଜେ ରାସ୍ତା ପରିଦର୍ଶନ କରି ସ୍ଥିତିର ସମୀକ୍ଷା କରିବେ ବୋଲି ସେ କହିଛନ୍ତି।

ସୂଚନାଯୋଗ୍ୟ, କେବଳ ଯୋଡ଼ା ଖଣି ମଣ୍ଡଳରୁ ୨୦୨୧–୨୨ରେ ପ୍ରାୟ ୧୮୦୫ କୋଟି ଟଙ୍କା ଆଦାୟ ହୋଇଥିବା ବେଳେ ୨୦୨୨–୨୩ ଆର୍ଥିକ ବର୍ଷରେ ୧୩୦୦କୋଟି ଟଙ୍କା ଆଦାୟ ହୋଇଛି। ଅନେକ ହଜାର କୋଟି ଟଙ୍କା ଜିଲା ଖଣିଜ ପାଣ୍ଠିରେ ଥାଇ ମଧ୍ୟ ଖଣି ଅଞ୍ଚଳର ରାସ୍ତାଗୁଡ଼ିକରେ ଅର୍ଥର ସୁବିନିଯୋଗ ହେଉ ନ ଥିବା ଅଞ୍ଚଳବାସୀ କ୍ଷୋଭର ସହ କହିଛନ୍ତି।



କଂକ୍ରିଟ୍ ଉଠି ରାସ୍ତା ବିପର୍ଯ୍ୟସ୍ତ ହୋଇଯାଇଛି।

## ଦୀପାବଳି ପୂର୍ବରୁ ବେଆଇନ ବାଣ ଜବତ

ରାଇବଣିଆ,(ନବୀନ ସାହୁ)-ଦୀପାବଳି ପୂର୍ବରୁ ଜଳେଶ୍ୱର ପୋଲିସ ପକ୍ଷରୁ ବୁଧବାର ବଡଧରଣର ଚଢ଼ାଉ କରାଯାଇଛି। ବାଲେଶ୍ୱର ଏସ୍‌ପି ସାଗରିକ ନାଥଙ୍କ ନିର୍ଦ୍ଦେଶକ୍ରମେ ଜଳେଶ୍ୱର ଆଇଆଇସି ରଞ୍ଜନ କୁମାର ସେଠୀଙ୍କ ତତ୍ତ୍ୱାବଧାନରେ ୬ଜଣ ଅଫିସରଙ୍କ ସମେତ ୨୫ଜଣିଆ ଟିମ୍ ବେଆଇନ ବାଣ କାରବାର ଏବଂ ପ୍ରସ୍ତୁତିସ୍ଥଳରେ ଚଢ଼ାଉ କରିଥିଲା। ପ୍ରାୟ ୧୦ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ବାଣ ସହ କଞ୍ଚାମାଲ ଜବତ କରିଛି ପୋଲିସ। ଏକକାଳୀନ ଆରୁହା ପଞ୍ଚାୟତର ପୃଥକ ୩ଟି ସ୍ଥାନରେ ଚଢ଼ାଉ ହୋଇଛି। ଏହି ଘଟଣାରେ ୩ଜଣଙ୍କୁ ଅଟକ ରଖିଛି ପୋଲିସ।



### ଆଜି କ'ଣ କେଉଁଠି

ମୟୂରଭଞ୍ଜ
- ମୟୂରଭଞ୍ଜ ମହୋତ୍ସବରେ ଛଉ ନୃତ୍ୟ ଏବଂ ଗାୟିକା ଅସୀମା ପଣ୍ଡାଙ୍କ ସଙ୍ଗୀତ ପରିବେଷଣ, ସ୍ଥାନ-ବାରିପଦା ଛଉ ପଡ଼ିଆ, ସମୟ-ସନ୍ଧ୍ୟା ୭ଟା।

# ଡାଲମିଆ, ହିମାଦ୍ରି କମ୍ପାନୀକୁ ବିର୍ଲା ଟାୟାର୍ସ ହସ୍ତାନ୍ତର

## କାହାକୁ ନ ଜଣାଇ ହସ୍ତାନ୍ତରକୁ ଶ୍ରମିକ ସଂଗଠନର ଅସନ୍ତୋଷ

ବାଲେଶ୍ୱର, ୧।୧୧(ମାନସ ବିଶ୍ୱାଳ)

ଦୀର୍ଘ ୩୩ବର୍ଷ ଧରି ବାଲେଶ୍ୱର ଜିଲା ରେମୁଣା ଗୋଲେଇ ବାମପଦାସ୍ଥିତ ବିର୍ଲା ଟାୟାର୍ସ କମ୍ପାନୀକୁ ଶେଷରେ ଡାଲମିଆ ରିଫ୍ରେକ୍ଟୋରିଜ୍ ଏବଂ ହିମାଦ୍ରି କେମିକାଲ୍‌ସକୁ ହସ୍ତାନ୍ତର ହୋଇଛି। ଗତ ୧୯ତାରିଖରେ ନ୍ୟାଶନାଲ କମ୍ପାନୀ ଲ' ଟ୍ରିବ୍ୟୁନାଲ(ଏନ୍‌ସିଏଲ୍‌ଟି) ଦେଇଥିବା ନିର୍ଦ୍ଦେଶ ଅନୁସାରେ ମଙ୍ଗଳବାର ଶିଳ୍ପମନ୍ତ୍ରୀ ପ୍ରତାପ ଦେବ, ବାଲେଶ୍ୱର ଜିଲାପାଳ, ପୂର୍ବାଞ୍ଚଳ ଆଇଜି ଓ ବାଲେଶ୍ୱର ଏସ୍‌ପିଙ୍କ ଉପସ୍ଥିତିରେ ଉଭୟ ସଂସ୍ଥା ମଧ୍ୟରେ ଏହି ମାଲିକାନା ହସ୍ତାନ୍ତର ହୋଇଛି। ତେବେ ବିର୍ଲାଟାୟାର୍ସର କେତେ ଶ୍ରମିକ ଓ କର୍ମଚାରୀ ଏବଂ କାହାକୁ କେତେ ଟଙ୍କା ପ୍ରଦାନ କରାଯାଇଛି, ସେନେଇ କୌଣସି ଆଲୋଚନା କରା ନ ଯାଇ ଏଭଳି ହସ୍ତାନ୍ତର ପ୍ରକ୍ରିୟାକୁ ମିଳିତ ଶ୍ରମିକ ସଂଗଠନ ପକ୍ଷରୁ ବିରୋଧ କରାଯାଇଛି।

ବାଲେଶ୍ୱର ସହର ପାଣିଚାଙ୍କିସ୍ଥିତ ଏକ ଘରୋଇ କଲ୍ୟାଣ ମଣ୍ଡପ ପରିସରରେ ବୁଧବାର ବିର୍ଲା ଟାୟାର୍ସ ମିଳିତ ଶ୍ରମିକ ସଂଗଠନର ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ବାଲେଶ୍ୱର ହିନ୍ଦ୍ ମଜଦୁର ସଭାର ସଭାପତି ଅରୁଣ କୁମାର ସ୍ୱାଇଁ ଅଧ୍ୟକ୍ଷତା କରିଥିଲେ। ଏନ୍‌ସିଏଲ୍‌ଟିରେ ନିର୍ଦ୍ଦେଶ ଅନୁସାରେ କେହି କିଛି ଜାଣିବା



ଆଗରୁ ହଠାତ୍ ଗତ ୩୦ ତାରିଖରେ କେତେଜଣ କର୍ମଚାରୀ ଏବଂ ଶ୍ରମିକମାନଙ୍କ ବ୍ୟାଙ୍କ ଜମା ଖାତାକୁ ଅଳ୍ପ ପରିମାଣର ଅର୍ଥ ଆସିଛି, ଯାହାକି କୋର୍ଟଙ୍କ ଆଦେଶକୁ ଅବମାନନା। ଏନ୍‌ସିଏଲ୍‌ଟିଙ୍କ ଦ୍ୱାରା ନିଯୁକ୍ତି ପ୍ରାପ୍ତ ରିଜୋଲ୍ୟୁଶନ୍ ପର୍ସନାଲ(ଆର୍‌ପି) ମନଇଚ୍ଛା ଏଭଳି କରିଛନ୍ତି, ଯାହାକି ପୁଣି ଏକ ଶ୍ରମିକ ଅଶାନ୍ତି ପାଇଁ ମଞ୍ଜି ପୋତି ଦେଇଛନ୍ତି। ବହୁଦିନ ପ୍ରତିକ୍ଷା ପରେ ବାଲେଶ୍ୱର ତଥା ବିର୍ଲା ଟାୟାର୍ସରେ ଆନନ୍ଦ ଉଲ୍ଲାସ ଦେଖାଦେଇଥିବା ବେଳେ ପୁଣି ଯେପରି ଅଶାନ୍ତିର କଳା ବାଦଲ ଡାଲମିଆ, ହିମାଦ୍ରିଉପରେ ଘୋଟି ନ ଯାଉ ତା' ପ୍ରତି ଧ୍ୟାନ ଦେବାକୁ ରିଜୋଲ୍ୟୁଶନ ପର୍ସନାଲ, ବାଲେଶ୍ୱର ଜିଲା ପ୍ରଶାସନ ତଥା ରାଜ୍ୟ ସରକାର ଧ୍ୟାନ ଦେବା ଆବଶ୍ୟକ। ପୁନଃ ନିଯୁକ୍ତି, ଉଚିତ୍ ପ୍ରାପ୍ୟ ପ୍ରଦାନ (୨୪ ମାସର) ଅବସରକାଳୀନ ଅର୍ଥ ପ୍ରଦାନ କରି ଶାନ୍ତିର ବାତାବରଣ ମଧ୍ୟରେ କାରଖାନା ଚାଲିବା ଉଚିତ ବୋଲି ହିନ୍ଦ ମଜଦୁର ସଭାର ସଭାପତି ସ୍ୱାଇଁ କହିଛନ୍ତି। ସଭାରେ କ୍ଷିରୋଦ ବାରିକ, ଉପେନ୍ଦ୍ର ବେହେରା, ସତ୍ୟନାରାୟଣ ଆଚାର୍ଯ୍ୟ, ଶିବ ପ୍ରସାଦ ଦାଶ, ସେକ୍ ମଇଉଦ୍ଦିନ୍, ପଞ୍ଚୁ ଗୋପାଳ କୋଇଲା, ବିରଞ୍ଚି ପ୍ରଧାନ ପ୍ରମୁଖ ବହୁ ସଂଖ୍ୟାରେ ବିର୍ଲା ଟାୟାର ଶ୍ରମିକ ଉପସ୍ଥିତ ଥିଲେ। ଅନ୍ୟପକ୍ଷରେ ଯେଉଁ ଶ୍ରମିକ ସଂଗଠନର ସଦସ୍ୟମାନେ ଏନ୍‌ସିଏଲ୍‌ଟି ରେ ପାର୍ଟି ହୋଇନଥିଲେ ସେମାନଙ୍କୁ କୌଣସି ପ୍ରାପ୍ୟ ମିଳି ନାହିଁ। ତାହାକୁ ନେଇ ପ୍ରାୟ ୨୫୦ରୁ ଉର୍ଦ୍ଧ୍ୱ ଶ୍ରମିକ ଚିନ୍ତାରେ ରହିଛନ୍ତି।

ପ୍ରକାଶ ଯେ, କରୋନା ପରେ ପରେ ବିର୍ଲା ଟାୟାର୍ସ ଆର୍ଥିକ ସ୍ଥିତି ଦେବାଳିଆ ହୋଇପଡ଼ିଥିଲା। କର୍ମଚାରୀଙ୍କୁ ବେତନ ଦେବା ପାଇଁ ମଧ୍ୟ ସମ୍ଭବ ହୋଇପାରିଲା ନାହିଁ। ୨୦୨୦ ଏପ୍ରିଲଠାରୁ ବିର୍ଲା ଟାୟାର୍ସର କର୍ମଚାରୀ ଏବଂ ଶ୍ରମିକମାନେ ସେମାନଙ୍କ ଶ୍ରମ ବାବଦରେ ଅର୍ଥ (ଦରମା) ପାଇ ନ ଥିଲେ। ଏନେଇ ଶ୍ରମିକମାନଙ୍କ ମଧ୍ୟରେ ଅଶାନ୍ତି ଦେଖାଦେଇଥିଲା। ତତ୍କାଳୀନ ବିର୍ଲା କର୍ତ୍ତୃପକ୍ଷ ଶ୍ରମିକମାନଙ୍କ ଅସୁବିଧାକୁ ହୃଦୟଙ୍ଗମ କରିଥିଲେ ମଧ୍ୟ ଦରମା ଦେବାକୁ ଅକ୍ଷମତା ପ୍ରକାଶ କରି ଆଉ କିଛିଦିନ ସମୟ ମାଗିଥିଲେ। ପରେ କେତେଜଣ ଶ୍ରମିକ ନେତା ଶ୍ରମିକ ଅଶାନ୍ତି ସୃଷ୍ଟି କରିବା ପରେ କାରଖାନା ୨୦୨୧ ମାର୍ଚ୍ଚ ୧୨ ତାରିଖରୁ ବନ୍ଦ ହୋଇଥିଲା। ମିଳିତ ଶ୍ରମିକ ସଂଗଠନ ବାଧ୍ୟ ହୋଇ ୨୦୨୨ ମେ ୨୪ରେ କୋଲକାତାସ୍ଥିତ ଏନ୍‌ସିଏଲ୍‌ଟିର ଦ୍ୱାରସ୍ଥ ହୋଇଥିଲେ। ଗତ ୧୯ ତାରିଖରେ କୋର୍ଟ ତାଙ୍କର ରାୟ ଶୁଣାଇଥିଲେ ଏବଂ ବିର୍ଲା ଟାୟାର୍ସକୁ ଡାଲମିଆ ରିଫ୍ରେକ୍ଟୋରିଜ୍ ଏବଂ ହିମାଦ୍ରି କେମିକାଲ୍‌ସକୁ ହସ୍ତାନ୍ତର କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏଥିସହିତ ଆଇବିସି ଏସ୍‌ଇସି-୫୩(୧) ଅନୁସାରେ ଶ୍ରମିକମାନେ ସେମାନଙ୍କ ପ୍ରାପ୍ୟ ପାଇବାକୁ ନିର୍ଦ୍ଦେଶ ହୋଇଛି।

## ସ୍କୁଲ ଭ୍ୟାନରୁ ୧୩୫ ଲିଟର ଜିଞ୍ଜର ଜବତ, ଡ୍ରାଇଭର ଗିରଫ



ବାହାନଗା, ୧।୧୧(ଅରୂପ୍ କୁମାର ଦାସ)-ବାହାନଗା ବ୍ଲକ ଗୋପାଳପୁର ଅବକାରୀ ଥାନା ପୋଲିସ ଚିଉଳ ରାସ୍ତାରେ ମଙ୍ଗଳବାର ଏକ ସ୍କୁଲ ଭ୍ୟାନକୁ ଅଟକାଇବା ସହ ତାହା ମଧ୍ୟରୁ ୧୩୫ ଲିଟର ଜିଞ୍ଜର ଜବତ କରାଯାଇଛି। ଏହାସହ ଗାଡି ଡ୍ରାଇଭରଙ୍କୁ ଗିରଫ କରାଯାଇଛି। ଏନେଇ ଗୋପାଳପୁର ଅବକାରୀ ଥାନାରେ ଏକ ମାମଲା(ନଂ. ୧୩୧/୨୩-୨୪) ରୁଜୁ କରାଯାଇଛି। ଗୋପାଳପୁର ଅବକାରୀ ଥାନା ଅଧିକାରୀ ସତ୍ୟସୁନ୍ଦର ମଲ୍ଲିକଙ୍କ ନେତୃତ୍ୱରେ ଏହି ଚଢାଉ କରାଯାଇଥିଲା। ଗିରଫ ଡ୍ରାଇଭର ହେଲେ ସୋର ଥାନା ଅଞ୍ଚଳର ତେଣ୍ଟେଇ ଗ୍ରାମର ସଞ୍ଜୟ କୁମାର ନାୟକ।

## ରାଷ୍ଟ୍ରୀୟ ଏକତା ଦିବସରେ ଶପଥପାଠ



କର୍ମଚାରୀମାନଙ୍କୁ ଜିଲାପାଳ ବିନୀତ ଭରଦ୍ୱାଜ ଶପଥପାଠ କରାଉଛନ୍ତି।

ବାରିପଦା,୧।୧୧(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ପ୍ରଶାସନ ପକ୍ଷରୁ ଲୌହ ମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଜନ୍ମଦିବସକୁ ରାଷ୍ଟ୍ରୀୟ ଏକତା ଦିବସ ଭାବେ ପାଳନ କରାଯାଇଛି। ଏହି ଅବସରରେ ଜିଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ସଦ୍‌ଭାବନା ଗୃହଠାରେ କାର୍ଯ୍ୟାଳୟର ସମସ୍ତ ବିଭାଗୀୟ ଅଧିକାରୀ ଏବଂ କର୍ମଚାରୀମାନଙ୍କୁ ଦେଶର ଏକତା, ଅଖଣ୍ଡତା ପାଇଁ ସମର୍ପିତ ହେବା ଲାଗି ଜିଲାପାଳ ବିନୀତ ଭରଦ୍ୱାଜ ଶପଥ ପାଠ କରାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲାପାଳ ନେତ୍ରାନନ୍ଦ ମଲ୍ଲିକ, ଦୌଲତ ଚନ୍ଦ୍ରକାର, ଅଭିମନ୍ୟୁ ବେହେରା, ଭାରପ୍ରାପ୍ତ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ବିକାଶ ରଞ୍ଜନ ମହାନ୍ତି ଓ ଜିଲା ସଂସ୍କୃତି ଅଧିକାରୀ ଅନନ୍ତ ପ୍ରସାଦ ସେଠୀ ପ୍ରମୁଖଙ୍କ ସମେତ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ରହି ଶପଥପାଠ କରିଥିଲେ।

## ଥାନାର ଦ୍ୱାରସ୍ଥହେଲେ ପୌର ଅଧ୍ୟକ୍ଷା

### ଅଶାଳୀନ ମନ୍ତବ୍ୟ ଘଟଣା

ଘସିପୁରା,୧।୧୧(ନିରଞ୍ଜନ ସାହୁ)

ସାମାଜିକ ଗଣମାଧ୍ୟମରେ ଅଶାଳୀନ ମନ୍ତବ୍ୟ ଓ ଗାଳିଗୁଲଜ ଘଟଣାକୁ ନେଇ କେନ୍ଦୁଝର ଜିଲା ଆନନ୍ଦପୁର ପୌରାଧ୍ୟକ୍ଷା ରଜନୀରାଣୀ ଖଟୁଆ ଥାନାର ଦ୍ୱାରସ୍ଥ ହୋଇଛନ୍ତି। ଘଟଣାର ତଦନ୍ତ କରି ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଅଧ୍ୟକ୍ଷା ଆନନ୍ଦପୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ, ପୌରଅଧ୍ୟକ୍ଷା ଆଦିବାସୀ ସମ୍ପ୍ରଦାୟର ହୋଇଥିବାରୁ ଭାଇରାଲ ଅଡିଓ ମାଧ୍ୟମରେ ତାଙ୍କ ବିରୋଧରେ ମିଥ୍ୟା ଅଭିଯୋଗ ସହ ଗାଳିଗୁଲଜ କରାଯାଇଛି। ସେ ଜଣେ ଉଚ୍ଚ ଶିକ୍ଷିତ ଥିବା ସତ୍ତ୍ୱେ ଜଣେ ନିର୍ଦ୍ଦିଷ୍ଟ ବ୍ୟକ୍ତି ବିଶେଷଙ୍କ ପ୍ରରୋଚନାରେ ଉନ୍ନୟମୂଳକ କାର୍ଯ୍ୟ କରୁଥିବା ଭଳି ମିଥ୍ୟା ଅଭିଯୋଗ ତାଙ୍କୁ ମର୍ମାହତ କରିଛି। ପୌରପରିଷଦରେ ଉନ୍ନୟନ କାର୍ଯ୍ୟ ସ୍ୱାଭାବିକ ଭାବେ ପରିଚାଳିତ ହେଉଥିବାବେଳେ କେଉଁ ଆଧାରରେ ତାଙ୍କୁ ଦୋଷାରୋପ କରାଯାଉଛି। ଏହା ଦ୍ୱାରା ତାଙ୍କ ସମ୍ମାନହାନୀ ହେଉଥିବା ଗଣମାଧ୍ୟମ ପ୍ରତିନିଧିଙ୍କ ନିକଟରେ ନିଜର ପ୍ରତିକ୍ରିୟା ରଖିଛନ୍ତି। ସମସ୍ତ ଉନ୍ନୟନ କାର୍ଯ୍ୟର ଫାଇଲ୍ ନିଜେ ତଦାରଖ କରିବା ସହିତ ଉପରିସ୍ଥ ଅଧିକାରୀଙ୍କ ପରାମର୍ଶରେ ସମସ୍ତ କାର୍ଯ୍ୟ ସମ୍ପାଦନ କରାଯାଉଥିବା ସତ୍ତ୍ୱେ ଏଭଳି ଦୋଷାରୋପ କରାଯିବାକୁ ନାପସନ୍ଦ କରିଛନ୍ତି। ଘଟଣାରେ ଦୋଷୀ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି।

## ଦୁର୍ନୀତି ନିବାରଣ ସଚେତନତା ପାଇଁ ମହିଳାଙ୍କ ଶୋଭାଯାତ୍ରା

ଭଦ୍ରକ,୧।୧୧(ସନାତନ ରାଉତ)-ଅକ୍ଟୋବର ୩୦ରୁ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନ ଆରମ୍ଭ ହୋଇଛି। ମିଶନ ଶକ୍ତି ଏସ୍‌ଏଚ୍‌ଜି, ବ୍ଲକ୍ ଓ ଜିଲା ମହାସଂଘ କର୍ମକର୍ତ୍ତା ଓ ମହିଳାଙ୍କ ଦ୍ୱାରା ବୁଧବାର ଏକ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଜିଲା ସମାଜ ମଙ୍ଗଳ ଅଧିକାରୀଙ୍କ କାର୍ଯ୍ୟାଳୟଠାରୁ ୧୦୦୦ରୁ ଉର୍ଦ୍ଧ୍ୱ ମହିଳା ପ୍ଲାକାର୍ଡ ଧରି ଜିଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯାଇଥିଲେ। ଜିଲା ସମାଜ ମଙ୍ଗଳ ଅଧିକାରୀ ପୁଷ୍ପଲତା ପାତ୍ର, ଭଦ୍ରକ ଭିଜିଲାନ୍ସ ଡିଏସ୍‌ପି ବଙ୍କିମ୍ ବାଓ୍ୱାଲି, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରମେଶ ଚନ୍ଦ୍ର ନାୟକ, ମହିଳା ସୁରକ୍ଷା ଅଧିକାରୀ ଚନ୍ଦ୍ରା ସାହୁ, ଡିପିସି ମିଶନ ଶକ୍ତି ଅଭିକ୍‌ନାରାୟଣ୍‌ପ୍ରମୁଖ ଯୋଗଦେଇଥିଲେ।

## ଏଫ୍‌ଏମ୍‌ୟୁରେ ଦୁର୍ନୀତି ନିବାରଣ ପାଇଁ ଶପଥପାଠ



ଫକୀରମୋହନ ବିଶ୍ୱବିଦ୍ୟାଳୟରେ ଶପଥପାଠ।

ବାଲେଶ୍ୱର, ୧।୧୧(ମାନସ ବିଶ୍ୱାଳ)

ବାଲେଶ୍ୱର ଜିଲା ରେମୁଣା ବ୍ଲକ ନୂଆପାଢ଼ିସ୍ଥିତ ଫକୀରମୋହନ ବିଶ୍ୱବିଦ୍ୟାଳୟରେ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନ ଅବସରରେ ବୁଧବାର ସଚେତନତା ବାର୍ତ୍ତା ନେଇ ସାମୂହିକ ଶପଥପାଠ କରାଯାଇଥିଲା। ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ଉପସ୍ଥିତିରେ ଅଧ୍ୟାପକ, ଅଧ୍ୟାପିକା, ପ୍ରଶିକ୍ଷକ, ଅଣଶିକ୍ଷକ କର୍ମଚାରୀମାନେ ଏହି ଶପଥପାଠ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ଚଳିତବର୍ଷର ବିଷୟବସ୍ତୁ 'ଦୁର୍ନୀତିକୁ ବିରୋଧ କରିବା, ରାଷ୍ଟ୍ର ପ୍ରତି ସମର୍ପିତ ରହିବା' ନେଇ ଏକ ଦୁର୍ନୀତିମୁକ୍ତ ସମାଜ ଗଠନ ଉପରେ ସମସ୍ତେ ସଚେତନ ରହିବା ଆବଶ୍ୟକ ଏବଂ ଏ କ୍ଷେତ୍ରରେ ଅଧିକ ଯତ୍ନଶୀଳ ହେବା ନିମନ୍ତେ ବାର୍ତ୍ତା ଗ୍ରହଣ କରି ଶପଥପାଠ କରିଥିଲେ। ବିଶ୍ୱବିଦ୍ୟାଳୟ କୁଳସଚିବ କୁଙ୍କୁମିନା ଦାସ, ପିଜି କାଉନସିଲର ଅଧ୍ୟକ୍ଷ ପ୍ରଫେସର ସବ୍ୟସାଚୀ ପଟ୍ଟନାୟକଙ୍କ ସମେତ ବିଭିନ୍ନ ବିଭାଗୀୟ ମୁଖ୍ୟ ଓ ସମସ୍ତ ଶିକ୍ଷକ ଓ ଅଣଶିକ୍ଷକ କର୍ମଚାରୀଗଣ 'ଦୁର୍ନୀତି ବିରୋଧରେ ଦସ୍ତଖତ ଅଭିଯାନ'ରେ ସାମିଲ ହୋଇ ନିଜର ସ୍ୱାକ୍ଷର ପ୍ରଦାନ କରିଥିଲେ।

## ଗାଧୁଆଘରୁ ୪ ଫୁଟ୍‌ର ନାଗ ଉଦ୍ଧାର

ରୂପସା, ୧।୧୧(ବାଞ୍ଛାନିଧି ଦେ)

ବାଲେଶ୍ୱର ସଦର ବ୍ଲକ ରୂପସା ଥାନା ଅଧୀନ ଆଙ୍କୋ ଗ୍ରାମର ନଗେନ ଜେନାଙ୍କ ଗାଧୁଆ ଘରୁ ବୁଧବାର ଏକ ୪ ଫୁଟ ଲମ୍ବର ନାଗ ଉଦ୍ଧାର ହୋଇଛି। ଉକ୍ତ ସାପ ଗାଧୁଆଘରେ ଥିବା ଦେଖି ପରିବାର ଲୋକେ ଭୟଭୀତ ହୋଇଯାଇଥିଲେ। ଖବର ପାଇ ସ୍ନେକ ହେଲ୍ପଲାଇନର ସଦସ୍ୟ ସୁବ୍ରତ କୁମାର ପ୍ରଧାନ ପହଞ୍ଚି ସାପକୁ ଉଦ୍ଧାର କରିବାକୁ ସକ୍ଷମ ହୋଇଥିଲେ। ଏହାପରେ ସାପକୁ ନେଇ ମୟୂରଭଞ୍ଜ ଜିଲାର ବାମଡ଼ା ଜଙ୍ଗଲରେ ଛାଡ଼ି ଦିଆଯାଇଥିଲା।

## ମହିଳାଙ୍କ ଆତ୍ମହତ୍ୟା

ରୂପସା, ୧।୧୧(ବାଞ୍ଛାନିଧି ଦେ)

ବାଲେଶ୍ୱର ଜିଲା ରୂପସା ଥାନା ଓଡ଼ିଆଶାସନ ଗ୍ରାମର ପୁଷ୍ପଲତା ଦେ (୩୩) ମଙ୍ଗଳବାର ଆତ୍ମହତ୍ୟା କରିଛନ୍ତି। ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ବୁଧବାର ଝୁଲନ୍ତା ମୃତଦେହ ଜବତ କରି ବସ୍ତା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବ୍ୟବଚ୍ଛେଦ କରାଇଛି। ସିଂଲା ଥାନା ବନ୍ତୁଳି ଗ୍ରାମର ବିପିନ ଜେନା ଓ ପୁଷ୍ପଲତାଙ୍କର ବାହାଘର ହୋଇଥିଲା। ତାଙ୍କର ଜଣେ ୬ବର୍ଷର ଝିଅ ଅଛି। ଶାଶୁଘରେ ପୁଷ୍ପଲତାଙ୍କ ପ୍ରତି ନିର୍ଯାତନା ଯୋଗୁ ପାରିବାରିକ କଳହ ଲାଗିରହିଥିଲା। ଗତ ଅକ୍ଟୋବର ୨୫ତାରିଖରୁ ସେ ଶାଶୁଘରୁ ଆସି ବାପଘରେ ଆଶ୍ରୟ ନେଇଥିଲେ। ମା' ଓ ଭାଉଜଙ୍କ ସହ ପୁଷ୍ପଲତା ରାତିରେ ସମସ୍ତେ ଗୋଟିଏ ଘରେ ଶୋଇଥିଲେ। ମାନସିକ ଭାରସାମ୍ୟ ହରାଇ ସେ ରାତିରେ ଉଠି ଅନ୍ୟ ଏକ ରୁମ୍ ଭିତରେ ଫାଶୀ ଦେଇ ଆତ୍ମହତ୍ୟା କରିଥିଲେ। ପରିବାର ଲୋକେ ଗ୍ରାମବାସୀ ଓ ପୋଲିସକୁ ଖବର ଦେଇଥିଲେ। ବୁଧବାର ଶାଶୁଘର ଲୋକେ ପହଞ୍ଚି ମୃତଦେହକୁ ନେଇ ଅନ୍ତେଷ୍ଟିକ୍ରିୟା କରିଥିଲେ।

## ଇନ୍ଦିରା ଗାନ୍ଧୀଙ୍କ ଶ୍ରାଦ୍ଧବାର୍ଷିକୀ



ସଭାରେ ମଞ୍ଚାସୀନ କଂଗ୍ରେସ ନେତୃବୃନ୍ଦ।

ରସାଲପୁର, ୧।୧୧(ଶରତ ସାମଲ)

ବାଲେଶ୍ୱର ସହରସ୍ଥିତ କୁରୁଡ଼ାଠାରେ ସ୍ୱର୍ଗତ ଇନ୍ଦିରା ଗାନ୍ଧୀଙ୍କ ୩୯ତମ ଶ୍ରାଦ୍ଧବାର୍ଷିକ ପାଳିତ ହୋଇଯାଇଛି। ଇନ୍ଦିରା ସଂଘ କମିଟି ସଭାପତି ଗଣେଶ ଚନ୍ଦ୍ର ପଣ୍ଡା ଏବଂ ଅନ୍ୟ ସଦସ୍ୟମାନେ ସ୍ୱର୍ଗତ ଇନ୍ଦିରା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ପ୍ରଥମେ ମାଲ୍ୟାର୍ପଣ କରିଥିଲେ। ପରେ ଦିବସବ୍ୟାପୀ ଭଜନ ପରିବେଷଣ କରାଯାଇଥିଲା। ସନ୍ଧ୍ୟାରେ କମିଟି ପକ୍ଷରୁ ଇନ୍ଦିରା ଗାନ୍ଧୀଙ୍କ ଉଦ୍ଦେଶ୍ୟରେ ଏକ ସଭା ଆୟୋଜନ କରା ଯାଇଥିଲା। ଗଣେଶ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ କଂଗ୍ରେସ ଜିଲା ସଭାପତି ସଞ୍ଜୀବ ଗିରି ଯୋଗ ଦେଇଥିଲେ। ଅନ୍ୟଅତିଥି ଭାବେ ପିସିସି କଂଗ୍ରେସ ଉପସଭାପତି ମନଜାମଞ୍ଜରୀ ଦେବୀ, ପିସିସି କଂଗ୍ରେସ କମିଟି ମୁଖପାତ୍ର ଜଳେଶ୍ୱର ସୁଦର୍ଶନ ଦାସ, ପିସିସି ସାଧାରଣ ସମ୍ପାଦିକା ଅର୍ଚ୍ଚନା ନନ୍ଦୀ, ରେମୁଣା ବ୍ଲକ କଂଗ୍ରେସ ସଭାପତି ତରୁଣ ଦାସ, ଜଳେଶ୍ୱର ବ୍ଲକ ସଭାପତି ରାଜୀବ ପରିଡ଼ା, ଅଣ ସଙ୍ଗଠିତ ଶ୍ରମିକ ନେତା ବିକାଶ ଦସ, ଅନିରୁଦ୍ଧ ସେନାପତି, ପ୍ରଫୁଲ୍ଲ ନାୟକ, ରଘୁ ଦାସ ପ୍ରମୁଖ ଯୋଗଦେଇ ଭାରତର ପ୍ରଥମ ମହିଳା ପ୍ରଧାନମନ୍ତ୍ରୀ ସ୍ୱର୍ଗତ ଇନ୍ଦିରା ଗାନ୍ଧୀଙ୍କ ଉଦ୍ଦେଶ୍ୟରେ ଅଭିଭାଷଣ ପ୍ରଦାନ କରିଥିଲେ। ଅନ୍ୟ କଂଗ୍ରେସ କର୍ମୀ ଅନିରୁଦ୍ଧ ସେନାପତି ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ବଙ୍କବିହାରୀ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

## ଦକ୍ଷତା ତାଲିମ ପରାମର୍ଶ ଶିବିର ପାଇଁ ପ୍ରସ୍ତୁତି

ଭଦ୍ରକ, ୧।୧୧(ସନାତନ ରାଉତ)-ବେସରକାରୀ ସଂସ୍ଥା ଓ କମ୍ପାନୀ କ୍ଷେତ୍ରରେ ନିଯୁକ୍ତି ପାଇଁ ଦକ୍ଷତା ବୃଦ୍ଧି ଉଦ୍ଦେଶ୍ୟରେ ତାଲିମ ପ୍ରଦାନ ନିମନ୍ତେ ଜିଲାର ସମସ୍ତ ବ୍ଲକରେ ପରାମର୍ଶ ଶିବିର ଆୟୋଜନ ନେଇ ଆଭାସୀ ଜରିଆରେ ପ୍ରସ୍ତୁତି ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ଅଧ୍ୟକ୍ଷତା କରିଥିଲେ। ପଞ୍ଚମ ପାସ୍‌ରୁ ଉର୍ଦ୍ଧ୍ୱ ବେକାର ଯୁବତୀ ଯୁବକମାନଙ୍କୁ ନିଯୁକ୍ତି ଭିତ୍ତିକ ପ୍ରଶିକ୍ଷଣ ପାଇଁ ନଭେମ୍ବର ତୃତୀୟ ସପ୍ତାହଠାରୁ ବିଭିନ୍ନ ବ୍ଲକରେ ଏହି ଶିବିର ଆୟୋଜନ କରାଯିବ। ଏହି ସମୟରେ ରହିବା ଏବଂ ଖାଇବା ଖର୍ଚ୍ଚ ରାଜ୍ୟ ସରକାର ବହନ କରିବେ। ଦିବ୍ୟାଙ୍ଗମାନଙ୍କ ପାଇଁ ସ୍ୱତନ୍ତ୍ର ତାଲିମ ଶିବିର ଓ ପଞ୍ଜୀକରଣ ବ୍ୟବସ୍ଥା କରିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ଜିଲା ନିୟୋଜନ ଅଧିକାରିଣୀ ଅନୀତା ନାୟକଙ୍କ ସଂଯୋଜନାରେ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ସରୋଜ କୁମାର ଦତ, ସମସ୍ତ ବ୍ଲକର ବିଡିଓ ଓ ଅଧିକାରୀ ଯୋଗ ଦେଇଥିଲେ।

## ସହାୟତାର ହାତ ବଢ଼ାଇଲା ଭରସା ପରିବାର

### ମା'ଙ୍କ ଶୁଦ୍ଧିକାର୍ଯ୍ୟ କରିବାକୁ ମନାକଲେ ପୁଅ

ପାଟଣା,୧।୧୧(ବୀର କିଶୋରେ)

କେନ୍ଦୁଝର ଜିଲା ସାହାରପଡ଼ା ବ୍ଲକ୍ ଖଜିରାପାଟ ପଞ୍ଚାୟତ ମୁକ୍ତାପୁର ଗ୍ରାମର ନିଶାମଣି ନାଏକ ଅକ୍ଟୋବର ୨୫ରେ ମୃତ୍ୟୁବରଣ କରିଥିଲେ। ମା'ଙ୍କ ମୃତ୍ୟୁ ପରେ ଅଲଗା ରହୁଥିବା ପୁଅ ମୁଖାଗ୍ନି ଦେଇ ନ ଥିବା ବେଳେ ଶୁଦ୍ଧିକ୍ରିୟା କରିବାକୁ ମଧ୍ୟ ମନା କରି ଦେଇଥିଲେ। ଏ ନେଇ ଝିଅ ମଞ୍ଜୁଳା ନାଏକ ଭରସା ପରିବାରର ସହଯୋଗ ଲୋଡ଼ିଥିଲେ। ଭରସା ପରିବାର ସଦସ୍ୟ ତଥା ସ୍ଥାନୀୟ ସେନା କର୍ମଚାରୀ ଦିବାକର ମହାନ୍ତ ସ୍ଥିତି ଅନୁଧ୍ୟାନ ପରେ ସଭାପତି ଲମ୍ବୋଦର ମହାନ୍ତଙ୍କୁ ଜଣାଇଥିଲେ। ପରେ ଉପଦେଷ୍ଟା ଶିବଶଙ୍କର ମିଶ୍ର, ଜିଲା ସଭାପତି ଜନ୍ମେଜୟ ସିଂହ, ସଂଯୋଜକ କେଦାର ମହାନ୍ତ ପ୍ରମୁଖ ମଞ୍ଜୁଳାଙ୍କ ଘରେ ପହଞ୍ଚି ଶୁଦ୍ଧିକ୍ରିୟା ପାଇଁ ଆବଶ୍ୟକୀୟ ସାମଗ୍ରୀ ସହ ତେଜରାତି ସାମଗ୍ରୀ, ଶୁଖିଲା ଖାଦ୍ୟ, ପନିପରିବା, ନୂତନ ବସ୍ତ୍ର ଆଦି ପ୍ରଦାନ କରିଛନ୍ତି। ଏଥିସହ ପାଞ୍ଚ ବର୍ଷ ପୂର୍ବେ ମଞ୍ଜୁଳାଙ୍କ ବାପା ଅନାଦିଙ୍କ ମୃତ୍ୟୁ ପରେ ଆର୍ଥିକ ଅଭାବରୁ ସେ ଯୁକ୍ତ ୨ ପରେ ପାଠ ପଢ଼ାରେ ଡୋରି ବନ୍ଧା ହୋଇଥିଲା। ପୁନର୍ବାର ପାଠ ପଢ଼ିବା ସମସ୍ତ ବ୍ୟବସ୍ଥା ଭରସା ପରିବାର କରିବ ବୋଲି ସଭାପତି ପ୍ରତିଶ୍ରୁତି ଦେଇଥିଲେ।

## ମେଗା ସ୍ୱାସ୍ଥ୍ୟସେବା ଶିବିର

ବୈଶିଙ୍ଗା,୧।୧୧(ରତନ ଦାଶ)

ମୟୂରଭଞ୍ଜ ଜିଲା ବେତନଟୀ ବ୍ଲକ ଅନ୍ତର୍ଗତ ମେରଦା ପଞ୍ଚାୟତ କାର୍ଯ୍ୟାଳୟଠାରେ ଏକ ମେଗା ସ୍ୱାସ୍ଥ୍ୟସେବା ଶିବିର ଆୟୋଜିତ ହୋଇଯାଇଛି। ଭାରତର ସିଏଜି ଗିରିଶ ଚନ୍ଦ୍ର ମୁର୍ମୁଙ୍କ ସ୍ତ୍ରୀ ସ୍ମିତା ଶୁକ୍ଳା ମୁର୍ମୁଙ୍କ ଦ୍ୱାରାପରିଚାଳିତ ଶୁଭ୍ରା ପ୍ରିୟମ୍ବଦା ଫାଉଣ୍ଡେଶନ ପକ୍ଷରୁ ଆୟୋଜିତ ଏହି ଶିବିରରେ ଥାଲାସେମିଆ ଓ ସିକଲସେଲ ରୋଗରେ ଆକ୍ରାନ୍ତ ରୋଗୀଙ୍କର ରକ୍ତ ନମୁନା ସଂଗ୍ରହ ଓ ପରୀକ୍ଷା କରାଯାଇ ଔଷଧ ପ୍ରଦାନ କରାଯାଇଥିଲା। ଏହି ଅବସରରେ ସ୍ମିତା ଶୁକ୍ଳା ମେରଦା ଉଚ୍ଚ ବିଦ୍ୟାଳୟ ପରିଦର୍ଶନ କରିବା ସହ ଛାତ୍ରୀଛାତ୍ରମାନଙ୍କ ସହିତ ବାର୍ତ୍ତାଳାପ କରିଥିଲେ। ସ୍ମିତା ଶୁକ୍ଳାଙ୍କ ଗସ୍ତ ପରିପ୍ରେକ୍ଷୀରେ ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା।

## ସଂସ୍କୃତିର ସୁରକ୍ଷା ପାଇଁ ୯ରେ କଂଗ୍ରେସର ଧାରଣା

କେନ୍ଦୁଝର,୧।୧୧
(ଦୀପକ ମିଶ୍ର/ନରେଶ ଚନ୍ଦ୍ର ପଟ୍ଟନାୟକ)

ସଂସ୍କୃତିର ସୁରକ୍ଷା ପାଇଁ ନଭେମ୍ବର ୯ ତାରିଖରୁ ସମସ୍ତ ଜଗନ୍ନାଥ ମନ୍ଦିରରେ କଂଗ୍ରେସ ପକ୍ଷରୁ ଧାରଣା ଦିଆଯିବ। ଏଥିସହ ଜିଲାର ବିଭିନ୍ନ ସମସ୍ୟାକୁ ନେଇ ଆଗାମୀ ଦିନରେ ଆନ୍ଦୋଳନ କରାଯିବ। ଏ ନେଇ ବୁଧବାର କେନ୍ଦୁଝର ଜିଲା କଂଗ୍ରେସର କାର୍ଯ୍ୟାଳୟରେ ଜିଲା ସଭାପତି ମୋହନ ପରିଡ଼ାଙ୍କ ସଭାପତିତ୍ୱରେ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏଥିସହ ରାଜ୍ୟ ସରକାରଙ୍କ ଜଣେ ବରିଷ୍ଠ ପ୍ରଶାସକଙ୍କ ଇସ୍ତଫାକୁ ନାଟକ ବୋଲି କହିବା ସହ ଏହା ପଛରେ ଉଭୟ ବିଜେଡି ଓ ଭାଜପାର ମିଳିତ ଷଡ଼ଯନ୍ତ୍ର ବୋଲି କଂଗ୍ରେସ ନେତ୍ରୀ ସଙ୍ଗୀତା ସିଂ କହିଛନ୍ତି। ସମ୍ମିଳନୀରେ ଜିଲା ସଭାପତି ମୋହନ ପରିଡ଼ା, ପିସିସି ସମ୍ପାଦକ ସଂଗ୍ରାମ ଦାସ, ଜିଲା ଯୁବ କଂଗ୍ରେସ ସଭାପତି ସୁନେସ ଧୀର, ଜିଲା ଛାତ୍ର କଂଗ୍ରେସ ସଭାପତି ଶୁଭମ ରାଜ, ପିସିସି ସଭ୍ୟ ଲଳିତ ମୋହନ ନାୟକ, ବରିଷ୍ଠ କଂଗ୍ରେସ ନେତା ରତ୍ନାକର ଜେନା, ଦେବେନ୍ଦ୍ର ନାଏକ, ସଦର ବ୍ଲକ୍ ସଭାପତି ଉତ୍ତମ ସାହୁ ଏବଂ ଛାତ୍ର କଂଗ୍ରେସ ନେତା ଆଶିଷ ପାତ୍ର ଉପସ୍ଥିତ ଥିଲେ।




ଖବରଦାତା ସମ୍ମିଳନୀରେ ଜିଲା କଂଗ୍ରେସ କର୍ମକର୍ତ୍ତା।

## କର୍ମଚାରୀ ଭବିଷ୍ୟନିଧି ସଂଗଠନର ୭୧ତମ ସ୍ଥାପନା ଦିବସ

କେନ୍ଦୁଝର,୧।୧୧(ଦୀପକ ମିଶ୍ର): କର୍ମଚାରୀ ଭବିଷ୍ୟନିଧି ସଂଗଠନର ୭୧ତମ ସ୍ଥାପନା ଦିବସ ଚଳିତ ବୁଧବାର କେନ୍ଦୁଝର କ୍ଷେତ୍ରୀୟ କାର୍ଯ୍ୟାଳୟଠାରେ ପାଳନ କରାଯାଇଛି। ସହାୟକ ଭବିଷ୍ୟନିଧି ଆୟୁକ୍ତ ସନତ କୁମାର ପଟ୍ଟନାୟକ ଉକ୍ତ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋକପାତ କରିଥିଲେ। ସଂଗଠନ ଅଧୀନରେ ଅଧିକରୁ ଅଧିକ ଉପଭୋକ୍ତାଙ୍କୁ କିପରି ସାମାଜିକ ସୁରକ୍ଷା ଯୋଗାଇ ଦିଆଯାଇପାରିବ ସେ ସମ୍ପର୍କରେ ଉପସ୍ଥିତ କର୍ମଚାରୀମାନଙ୍କୁ ପରାମର୍ଶ ଦେଇଥିଲେ। ପ୍ରବର୍ତ୍ତନ ଅଧିକାରୀ ଭଗବାନ ସାହୁ ସଂଗଠନର ବିଭିନ୍ନ ସାମାଜିକ ସୁରକ୍ଷାର ଯୋଜନା ବିଷୟରେ ବକ୍ତବ୍ୟ ରଖିଥିଲେ। ଏଥିରେ କାର୍ଯ୍ୟାଳୟ ସମସ୍ତ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ।

## ବଦଳାଯାଉନି ପୁରୁଣା ବିଦ୍ୟୁତ୍ ତାର, ଖୁଣ୍ଟ

### ବିପଦକୁ ଆମନ୍ତ୍ରଣ

ଭଦ୍ରକ,୧।୧୧(ସନାତନ ରାଉତ)

ଭଦ୍ରକ ଜିଲା ବନ୍ତ ବ୍ଲକ୍ ଓଡ଼ଙ୍ଗ ପଞ୍ଚାୟତ ଅନ୍ତର୍ଗତ ସରମରା ଗ୍ରାମରେ ବିଦ୍ୟୁତ୍ ବିଭାଗର ଚରମ ଅବହେଳା ଦେଖିବାକୁ ମିଳୁଛି। ଦୀର୍ଘ ୪୦ ବର୍ଷରୁ ଉର୍ଦ୍ଧ୍ୱ ହେବ ପୁରୁଣା ତାରରେ ବିଦ୍ୟୁତ ଯୋଗାଣ ହେଉଛି। ବିଦ୍ୟୁତ୍ ଖୁଣ୍ଟ ଗୁଡ଼ିକ କଳଙ୍କି ଲାଗିଯାଇଥିବା ବେଳେ ତାର ମଧ୍ୟ ତଳକୁ ଝୁଲି ରହିଛି। ଫଳରେ ସାମାନ୍ୟ ବର୍ଷା, ପବନ ହେଲେ ଘଣ୍ଟା ଘଣ୍ଟା ଧରି ବିଦ୍ୟୁତ୍ ସେବା ବ୍ୟାହତ ହେଉଛି। ଅନ୍ୟପକ୍ଷେ ଗ୍ରାମର ପ୍ରାୟ ୪ଶହ ଉପଭୋକ୍ତାଙ୍କୁ ବିଦ୍ୟୁତ୍ ଯୋଗାଉଥିବା ୬୩ କେଭି ଟ୍ରାନ୍ସଫର୍ମର ଚର୍ତୁପାର୍ଶ୍ୱ ମୁକୁଳା ପଡ଼ିଛି। ସେହିପରି ଠାକୁର ଗଡ଼ିଆ ଫିଡ୍‌ରଠାରୁ ସରମରା ପର୍ଯ୍ୟନ୍ତ ୧୧ କେଭି ବିଦ୍ୟୁତ ତାର ତଳକୁ ଝୁଲି ରହିଥିବାରୁ ଗୃହପାଳିତ ପ୍ରାଣୀ ଓ ଲୋକମାନଙ୍କ ପାଇଁ ବିପଦ ସୃଷ୍ଟି କରିବାର ଆଶଙ୍କା ରହିଛି। ପୁରୁଣା ତାର ବଦଳାଇ କେବୁଲ ବ୍ୟବସ୍ଥା ଓ ଟ୍ରାନ୍ସଫର୍ମର ଚତୁଃପାର୍ଶ୍ୱକୁ ଆବଦ୍ଧ କରାଯିବା ପାଇଁ ଉପଭୋକ୍ତାମାନଙ୍କ ପକ୍ଷରୁ ବାରମ୍ବାର ଦାବି କରାଯାଇଥିଲେ ମଧ୍ୟ ବିଭାଗୀୟ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେଉନାହାନ୍ତି। ଏହାକୁ ନେଇ ଉପଭୋକ୍ତା ମହଲରେ ଅସନ୍ତୋଷ ବୃଦ୍ଧି ହେଉଛି। ବିଭାଗୀୟ କନିଷ୍ଠ ଯନ୍ତ୍ରୀ ମାନସ ପଣ୍ଡା କହିଛନ୍ତି, କାମ ହେବା ପାଇଁ କର୍ପୋରେଟ୍‌କୁ ଲେଖି ଦିଆଯାଇଥିଲା। ଅନୁମୋଦନ ହୋଇସାରିଛି। ଖୁବ୍‌ଶୀଘ୍ର ପୁରୁଣା ଖୁଣ୍ଟ ଓ ତାର ବଦଳା କାମ ଆରମ୍ଭ ହେବ।



## ଯୁବକଙ୍କୁ ତଣ୍ଟି କାଟି ହତ୍ୟା, ଅଭିଯୁକ୍ତ ଗିରଫ

ରାଇରଙ୍ଗପୁର,(ମାନସ ମହାନ୍ତି)- ମୟୂରଭଞ୍ଜ ଜିଲା ରାଇରଙ୍ଗପୁର ଗ୍ରାମାଞ୍ଚଳ ଥାନା ଖେରଣା ଅଞ୍ଚଳର ଉଦୟ ନାଥ କିସ୍କୁ (୪୧)ଙ୍କ ଗଳାକାଟି ହତ୍ୟା ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ମଙ୍ଗଳବାର ପୋଲିସ କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତ ଜଣକ ହେଲେ ବାଦାମପାହାଡ଼ ଥାନା ଅନ୍ତର୍ଗତ ଅଙ୍ଗାରପଦା ଗ୍ରାମର ଭାଦୋଚରଣ ହାଁସଦା। ବାଦାମପାହାଡ଼ ଥାନା ଅନ୍ତର୍ଗତ ଝଲଡୁଗୁରୀ ନିକଟସ୍ଥ ଝିପାବନ୍ଧ ଗ୍ରାମ ପାର୍ଶ୍ୱ ପୋଲ ନିକଟରେ ଗତ ବୁଧବାର ଉଦୟ ନାଥଙ୍କ ରକ୍ତାକ୍ତ ମୃତଦେହ ପଡ଼ିଥିବା ଦେଖିବାକୁ ମିଳିଥିଲା। ପୋଲିସ ନଂ.୧୧୭/୨୪ରେ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇବା ସହ ତଦନ୍ତ ଜରି ରଖିଥିଲା।

# ଆହାର କେନ୍ଦ୍ରକୁ ସ୍ୱାଗତ, ଜମି ହସ୍ତାନ୍ତରକୁ ବିରୋଧ

ଖଇରା, ୧।୧୧(ଉତ୍କଳବନ୍ଧୁ ପଣ୍ଡା)

ବାଲେଶ୍ୱର ଜିଲା ଖଇରା ବ୍ଲକର ସର୍ବପୁରାତନ ଖଇରା ହାଇସ୍କୁଲ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛି । ବିଦ୍ୟାଳୟର କିଛି ଜମିକୁ କିଛି ଦିନ ତଳେ ଖଇରା ମେଡିକାଲ ସମ୍ପ୍ରସାରଣ ପାଇଁ ପ୍ରଶାସନ ଅନୁମତି ପ୍ରଦାନ କରିବା ପରେ ଅଭିଭାବକ, ବୁଦ୍ଧିଜୀବୀଙ୍କ ମଧ୍ୟରେ ବିରୋଧାଭାସ ଆରମ୍ଭ ହୋଇଛି । ସେହିଭଳି ଉକ୍ତ ବିଦ୍ୟାଳୟ ଜମିରେ ଆହାର କେନ୍ଦ୍ର, ମିଶନଶକ୍ତି କାଫେ ଭଳି ଅନ୍ୟାନ୍ୟ କାର୍ଯ୍ୟ ପାଇଁ ଉକ୍ତ ଜମିରେ ନିର୍ମାଣ କାର୍ଯ୍ୟ ଆରମ୍ଭ ପରେ ବିଦ୍ୟାଳୟ କମିଟି, ପୁରାତନ ଛାତ୍ର ପରିଷଦ ପକ୍ଷରୁ ପ୍ରତିକ୍ରିୟା ଦେଖିବାକୁ ମିଳିଛି। ତେବେ ଖଇରା ଅଞ୍ଚଳର ବୁଦ୍ଧିଜୀବୀ, ଶିକ୍ଷାବିତ୍ ଓ ପୁରାତନ ଛାତ୍ର ଆହାର କେନ୍ଦ୍ର ନିର୍ମାଣକୁ ସ୍ୱାଗତ କରୁଥିଲେ ହେଁ ବିଦ୍ୟାଳୟ ଜମିକୁ ବ୍ୟବହାର କରାଯିବାକୁ ନେଇ ବିରୋଧ କରିବା ସହ ଏ ନିଷ୍ପତ୍ତିର ପୁନର୍ବିଚାର କରି ଅନ୍ୟ ସରକାରୀ ଜମିକୁ ସ୍ଥାନାନ୍ତର କରିବାକୁ ଦାବି କରିଛନ୍ତି । ଏ ସମ୍ପର୍କରେ ଲିଖିତ ଦାବିପତ୍ର ବାଲେଶ୍ୱର ଜିଲାପାଳ, ଜିଲା ଶିକ୍ଷାଧିକାରୀ ତଥା ରାଜ୍ୟସ୍ତରୀୟ ଅଧିକାରୀଙ୍କୁ ପ୍ରଦାନ କରାଯାଇଛି ।

୧୯୪୫ ମସିହାରେ ପ୍ରତିଷ୍ଠା ଲାଭ କରିଥିବା ବିଦ୍ୟାଳୟର ବର୍ତ୍ତମାନର ପିଲା ସଂଖ୍ୟା ପାଖାପାଖି ୫ ଶହ । ବିଧାୟକ ଜ୍ୟୋତିପ୍ରକାଶ ପାଣିଗ୍ରାହୀଙ୍କ ପ୍ରଚେଷ୍ଟାରେ ଉକ୍ତ ବିଦ୍ୟାଳୟ ପ୍ରଥମ ବିଦ୍ୟାଳୟ ଭାବେ ୫-ଟି ରୂପାନ୍ତୀକରଣ ପ୍ରକ୍ରିୟାରେ ସାମିଲ ହୋଇଥିଲା। ବିଦ୍ୟାଳୟ ସମ୍ପ୍ରସାରଣ ତଥା ଏହାର ଉନ୍ନତୀକରଣ ପାଇଁ ବହୁ ବଦାନ୍ୟ ବ୍ୟକ୍ତି ଜମିଦାନ କରିଥିଲେ। ହାଇସ୍କୁଲ ନାମରେ ୩.୭୨ ଏକର ଜମି ରହିଥିବା ବେଳେ ଚତୁଃପାର୍ଶ୍ୱରେ ଜବରଦଖଲ ଯୋଗୁ ବାସ୍ତବରେ ଏବେ ମାତ୍ର ୩ ଏକର ଜମି ରହିଛି । ହେଲେ ନିକଟରେ ଏହି ଜମିରୁ ୫୫ ଡିସିମିଲ ଜମିକୁ ଖଇରା ମେଡିକାଲ ସମ୍ପ୍ରସାରଣ ପାଇଁ ପ୍ରଦାନ କରାଯିବା ପରେ ଆହାର କେନ୍ଦ୍ର, ମିଶନଶକ୍ତି କାଫେ ଓ ଜିମ୍ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି । ଜମି ହସ୍ତାନ୍ତର ପାଇଁ ତହସିଲଦାର, ଗୋଷ୍ଠୀ ଶିକ୍ଷାଧିକାରୀ, ରାଜସ୍ୱ ନିରୀକ୍ଷକ, ଭାରପ୍ରାପ୍ତ ଚିକିତ୍ସାଧିକାରୀଙ୍କ ଦ୍ୱାରା ଜୁଲାଇ ୧୩ତାରିଖରେ ପ୍ରସ୍ତୁତ ରିପୋର୍ଟକୁ ନେଇ ସାଧାରଣରେ ଉକ୍ତ ଅଧିକାରୀମାନଙ୍କ ସ୍ୱଚ୍ଛତା ଉପରେ ଅଙ୍ଗୁଳି ନିର୍ଦ୍ଦେଶ କରାଯାଇଛି । ରିପୋର୍ଟରେ ଉକ୍ତ ଜାଗା ସ୍କୁଲ ଦ୍ୱାରା ବ୍ୟବହୃତ ହେଉ ନ ଥିବା ଏବଂ କୌଣସି ବଡ ଗଛ ନ ଥିବା ଉଲ୍ଲେଖ କରାଯାଇଛି । ହେଲେ ଏହି ୫୫ ଡିସମିଲ ଜମି ଉପରେ ଥିବା ବଡ ବଡ ଗଛକୁ ଠିକାଦାର କାଟି ବିକ୍ରି କରିଥିବା ଏବଂ ଯାହାର ଗଣ୍ଡି ଏବେ ମଧ୍ୟ ପଡିରହିଛି । ଆସୁଥିବା ରୋଗୀଙ୍କ ପାଇଁ ଆହାର କେନ୍ଦ୍ରର ଗୁରୁତ୍ୱ ନିଶ୍ଚିତ ରହିଛି ହେଲେ ଆଜି ବି ବିଦ୍ୟାଳୟର ବହୁ କାର୍ଯ୍ୟ ଯଥା ଛାତ୍ରାବାସ, ଷ୍ଟାଫ କ୍ୱାର୍ଟର୍ସ, ଖେଳପଡିଆର ଆବଶ୍ୟକତା ଥିବାରୁ ବିଦ୍ୟାଳୟ ଭବିଷ୍ୟତ ଉନ୍ନୟନ କାର୍ଯ୍ୟକୁ ପ୍ରାଥମିକତା ଦିଆଯିବା ଆବଶ୍ୟକ ବୋଲି ଆଲୁମିନି ସଭାପତି ମୁକ୍ତିକାନ୍ତ ଶତପଥି କହିଛନ୍ତି । ସ୍କୁଲ ଜାଗାର ସୀମା ନିର୍ଦ୍ଧାରଣ କରାଯାଇ ସମସ୍ତ ଜାଗା ସ୍କୁଲକୁ ଫେରାଇ ଦିଆଯାଉ ବୋଲି କମିଟି ସଭାପତି ସଞ୍ଜୟ ସାହୁ କହିଛନ୍ତି । ସାଧାରଣ ଲୋକଙ୍କ ହିତକୁ ଦୃଷ୍ଟିରେ ରଖି କିଛି ଲୋକଙ୍କ ଆବେଦନ ପରେ ଏହି ଜମି ମେଡିକାଲକୁ ଦିଆଯାଇଥିବା ନେଇ ତହସିଲଦାର ପ୍ରଶାନ୍ତ କୁମାର ମହାରଣା କହିଛନ୍ତି । ଚିଠିଟି ଦେଖିବା ପରେ ତାଙ୍କର ଦସ୍ତଖତ କି ନୁହେଁ କହିପାରିବେ ବୋଲି ବିଇଓ ଗଦାଧର ଦାସ କହିଛନ୍ତି ।


ହାଇସ୍କୁଲ ପରିସରରେ ଗଛ କଟାଯାଇ ଆହାର କେନ୍ଦ୍ର ନିର୍ମାଣ କାର୍ଯ୍ୟ ଚାଲିଛି।

ସେଲ୍ଫି କର୍ଣ୍ଣର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
balasoreselfie@gmail.com


@ ମାନି


@ ରଶ୍ମିତା

ସେଲ୍ଫି ସହ ନିଜର ନାମ ଓ ମୋବାଇଲ୍ ନମ୍ବର ଉଲ୍ଲେଖ କରନ୍ତୁ।

## ସଂକ୍ଷେପରେ

### ଶୌଚହେବାକୁ ଯାଇ ମହିଳା ନିଖୋଜ

ଢେଙ୍କିକୋଟ,୧।୧୧(ନୀଳମଣି ମଣ୍ଡଳ): କେନ୍ଦୁଝର ଜିଲା ଢେଙ୍କିକୋଟ ପୋଲିସ ବିଟ୍ ହାଉସ ଅନ୍ତର୍ଗତ ବଡ଼ ମସିଣାବିଲା ପଞ୍ଚାୟତ ସାନ ମସିଣାବିଲା ଗ୍ରାମରେ ମଙ୍ଗଳବାର ଶୌଚ ହେବା ପାଇଁ ଯାଇ ଜଣେ ମହିଳା ନିଖୋଜ ହୋଇଯାଇଛି। ନିଖୋଜ ମହିଳା ହେଲେ ବିଜୟ ମହାରଣାଙ୍କ ସ୍ତ୍ରୀ ମମତା ମହାରଣା (୨୬)। ସେ ପୂର୍ବାହ୍ନ ୮ ଟା ବେଳେ ଘରୁ ବାହାରକୁ ଶୌଚ ପାଇଁ ଯାଉଛି କହି ଯାଇଥିଲେ। ମାତ୍ର ଦୀର୍ଘ ସମୟ ପରେ ଘରକୁ ନ ଫେରିବାରୁ ଘର ଲୋକ ଖୋଜାଖୋଜି କରିଥିଲେ। ନ ପାଇ ବିଜୟ ବୁଧବାର ଢେଙ୍କିକୋଟ ପୋଲିସ ଫାଣ୍ଡିରେ ଅଭିଯୋଗ କରିଥିଲେ। ଘଟଗାଁ ଥାନାରେ ଏକ ମାମଲା ରୁଜୁ ହୋଇଛି। ଘଟଣାର ଚାଲିଥିବା ଫାଣ୍ଡି ଅଧିକାରୀ ସୁରଥ ଦେହୁରୀ ପ୍ରକାଶ କରିଛନ୍ତି।

### ଯୋଗଦେଲେ ନୂତନ ତହସିଲଦାର,ବିଡିଓ

ଗୋପବନ୍ଧୁ ନଗର,୧।୧୦(ଶାନ୍ତନୁ କୁମାର ମଡୁଆଳ)- ଖୁଣ୍ଟା ତହସିଲ କାର୍ଯ୍ୟାଳୟରେ ନୂତନ ତହସିଲଦାର ଭାବେ ସାଧବୀ ଦେହୁରିଆ କାର୍ଯ୍ୟରେ ଯୋଗ ଦେଇଛନ୍ତି। ଏଥି ପୂର୍ବରୁ ସେ ସୁନ୍ଦରଗଡ଼ ଜିଲା ବୁରୁଣ୍ଡିଆ ତହସିଲଦାର ଭାବେ କାର୍ଯ୍ୟରତ ଥିଲେ। ସେହିପରି ଖୁଣ୍ଟା ବ୍ଲକର ନୂତନ ବିଡିଓ ଭାବେ ଗୌରାଙ୍ଗ ଚନ୍ଦ୍ର ଘୋଷ ଦାୟିତ୍ୱ ଗହଣ କରିଛନ୍ତି। ଏଥି ପୂର୍ବରୁ ସେ ବାଲେଶ୍ୱର ଜିଲା ବାହାନଗା ବ୍ଲକର ବିଡିଓ ଭାବେ କାର୍ଯ୍ୟରତ ଥିଲେ। ମାସେ ପୂର୍ବରୁ ଖୁଣ୍ଟା ବ୍ଲକର ପୂର୍ବତନ ବିଡିଓ ମାନସ ରଞ୍ଜନ ସାମଲଙ୍କ ବଦଳି ପରେ ରୂପେଶ ନାଏକ ଅତିରିକ୍ତ ଦାୟିତ୍ୱରେ ରହି କାର୍ଯ୍ୟ ତୁଲାଉଥିଲେ। ଉଭୟ ବିଡିଓ ଏବଂ ତହସିଲଦାରଙ୍କୁ ନିଜ ନିଜ କାର୍ଯ୍ୟାଳୟର କର୍ମଚାରୀମାନେ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରିଛନ୍ତି।

# ପାରମ୍ପରିକ ନୃତ୍ୟରେ ଦୁଲୁକିଲା ବାରିପଦା ସହର


କଳାକାରମାନେ ପାରମ୍ପରିକ ନୃତ୍ୟ ପରିବେଷଣ କରୁଛନ୍ତି।

- ଆରମ୍ଭ ହେଲା ମୟୂରଭଞ୍ଜ ମହୋତ୍ସବ
- ନୃତ୍ୟ, ସଙ୍ଗୀତରେ ସାଂସ୍କୃତିକ ସନ୍ଧ୍ୟା

ବାରିପଦା,୧।୧୧(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲାର କଳା ସଂସ୍କୃତିକୁ ନେଇ ବୁଧବାରଠାରୁ ଆରମ୍ଭ ହୋଇଛି ମୟୂରଭଞ୍ଜ ମହୋତ୍ସବ। ଉଦ୍‌ଘାଟନୀ ଉତ୍ସବରେ ସାଂସ୍କୃତିକ ଶୋଭାଯାତ୍ରା ସାଙ୍ଗକୁ ନୃତ୍ୟବାଦ୍ୟରେ ସହର ଦୁଲୁକିଥିଲା। ଆଦିବାସୀମାନେ ପାରମ୍ପରିକ ବେଶଭୂଷାରେ ସଜ୍ଜିତ ହୋଇ ହାତକୁ ହାତ ଓ କାନ୍ଧକୁ କାନ୍ଧ ମିଶାଇ ନୃତ୍ୟକଳା ପ୍ରଦର୍ଶନ କରିଥିଲେ। ବାରିପଦାର ଶ୍ରୀ ଶ୍ରୀ ହରିବଳଦେବ ଜୀଉ ବିଜେଙ୍କ ମନ୍ଦିରଠାରୁ ଏକ ବିଶାଳ ଶୋଭାଯାତ୍ରା ସହର ପରିକ୍ରମା କରି ପ୍ରସିଦ୍ଧ ଛଉ ପଡ଼ିଆରେ ପହଞ୍ଚିଥିଲା। ହଜାର ହଜାର ଦର୍ଶକ ଏହାକୁ ଉପଭୋଗ କରିଥିଲେ। ଉଦ୍‌ଘାଟନୀ ଉତ୍ସବରେ ମହୋତ୍ସବ କମିଟିର କାର୍ଯ୍ୟକାରୀ ସଭାପତି ତଥା ସିନେ କଳାକାର ଅସିତ ପତି, ବାରିପଦା ପୌରାଧ୍ୟକ୍ଷ ତଥା ମହୋତ୍ସବର ଚେୟାରମ୍ୟାନ କୃଷ୍ଣାନନ୍ଦ ମହାନ୍ତି, ଉଦଳା ଏନ୍‌ଏସିର ଅଧ୍ୟକ୍ଷା ପ୍ରମିଳା ପଣ୍ଡା, ଏସ୍‌ଡିସି ଅଧ୍ୟକ୍ଷ ଡା.ଦେବାଶିଷ ମାର୍ଣ୍ଡି, ପ୍ରାକ୍ତନ ଉପବାଚସ୍ପତି ସାନନ୍ଦ ମାର୍ଣ୍ଡି, ପ୍ରାକ୍ତନ ମନ୍ତ୍ରୀ ସରୋଜିନୀ ହେମ୍ବ୍ରମ, କମିଟିର ସମ୍ପାଦକ କଳିଙ୍ଗ କେଶରୀ ଜେନା, ବିପ୍ଳବ ଭଞ୍ଜନ ବୁଗୁଡେଇ, ସଞ୍ଜୀବ ଦ୍ୱିବେଦୀ, ସୁବ୍ରତ ଛାଟୋଇ, ଆଦିବାସୀ ନେତା ରାକେଶ ସିଂ ପ୍ରମୁଖ ଉପସ୍ଥିତ ଥିଲେ। ୮ଟି ପାରମ୍ପରିକ ନୃତ୍ୟ ଦଳ ସହର ପରିକ୍ରମା କରିଥିଲେ। ରାଜ୍ୟ ଓ ରାଜ୍ୟ ବାହାର ଆଦିବାସୀ ନୃତ୍ୟ, ସଙ୍ଗୀତ ଓ ପରମ୍ପରାର ଝଲକ ପରିବେଷଣ ହେବା ସହିତ ନାମିଦାମୀ କଳାକାରଙ୍କୁ ନେଇ ୧୧ଦିନ ଧରି ଛଉ ପଡ଼ିଆରେ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି କମିଟି ସୂଚନା ଦେଇଛି।।

## ହରିହରପୁର ମିନି ଅଙ୍ଗନୱାଡି କେନ୍ଦ୍ରରେ ଅନିୟମିତତା

### ପ୍ରଶାସନ ପକ୍ଷରୁ କର୍ମୀଙ୍କୁ କାର୍ଯ୍ୟରୁ ଅନ୍ତର

ଔପଦା, ୧।୧୧(ଧରିତ୍ରୀ ପଣ୍ଡା)

ବାଲେଶ୍ୱର ଜିଲା ଔପଦା ବ୍ଲକ ଫତେପୁର ପଞ୍ଚାୟତ ହରିହରପୁର ଶାସନର ମିନି ଅଙ୍ଗନୱାଡ଼ି କେନ୍ଦ୍ରରେ ହୋଇଥିବା ଅନିୟମିତତା ଅଭିଯୋଗ ହେବା ପରେ ପ୍ରଶାସନ ପକ୍ଷରୁ କେନ୍ଦ୍ରର କର୍ମୀଙ୍କୁ କାର୍ଯ୍ୟରୁ ଅନ୍ତର କରାଯାଇଛି। କର୍ମୀ ସରକାରୀ ନିୟମକୁ ଉଲ୍ଲଂଘନ କରି ପିଲାଙ୍କ ପାଇଁ ବିଭିନ୍ନ କ୍ଷେତ୍ରରେ ଆସୁଥିବା ସରକାରୀ ଅର୍ଥକୁ ଆତ୍ମସାତ କରୁଥିଲେ। ଏନେଇ ଗ୍ରାମବାସୀଙ୍କ ପକ୍ଷରୁ ୨୦୨୨ ଜୁଲାଇରେ ଜିଲାପାଳଙ୍କଠାରେ ଅଭିଯୋଗ ହୋଇଥିଲା। କୌଣସି ଫଳ ନ ମିଳିବାରୁ ଗ୍ରାମବାସୀ ବାଲେଶ୍ୱର ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କ ଦ୍ୱାରସ୍ଥ ହୋଇଥିଲେ। ବାରମ୍ବାର ଅଭିଯୋଗକୁ ନେଇ ଉଚ୍ଚ ପ୍ରଶାସନ ଅଧିକାରୀଙ୍କ ନିର୍ଦ୍ଦେଶ କ୍ରମେ ଔପଦା ସିଡ଼ିପିଓଙ୍କ ପକ୍ଷରୁ ୨ଫେବୃୟାରୀ୨୦୨୩ରିଖରେ କେନ୍ଦ୍ରରେ ସରକାରୀ ଅର୍ଥକୁ ଦୁରୁପଯୋଗ କରାଯାଉଥିବା ନେଇ କେନ୍ଦ୍ରର କର୍ମୀଙ୍କ ବିରୋଧରେ ଥାନାରେ ଅଭିଯୋଗ କରିଥିଲେ। ପରେ ଏମ୍‌ପି ଷଡ଼ଙ୍ଗୀ ଘଟଣାକୁ ଗୁରୁତ୍ୱ ଦେଇ ଜିଲାପାଳ ଓ ନୀଳଗିରି ଉପଜିଲାପାଳଙ୍କ ସହିତ ଆଲୋଚନା କରି ନୀଳଗିରି ଉପଜିଲାପାଳଙ୍କ ପତ୍ର ସଂଖ୍ୟା ୪୦୦୦ /୨୦ ଅକ୍ଟୋବର ୨୦୨୩ରିଖରେ ମିନି ଅଙ୍ଗନୱାଡ଼ି କେନ୍ଦ୍ରର କର୍ମୀ ଭାରତୀ ପଣ୍ଡାଙ୍କୁ କାର୍ଯ୍ୟରୁ ଅନ୍ତର କରାଯାଇଛି।

# ଭଜନ ଗାଇଲେ ବିଧାୟକ

## କାଳିମେଘାରେ ଲକ୍ଷ୍ମୀନାରାୟଣ ପୂଜା ମହୋତ୍ସବ


ମହୋତ୍ସବରେ ବିଧାୟକ ବିଷ୍ଣୁବ୍ରତ ରାଉତରାୟ ବକ୍ତବ୍ୟ ଦେଉଛନ୍ତି।

ତିହିଡ଼ି,୧।୧୧(ସଞ୍ଜିତ ବଳ)

ଭଦ୍ରକ ଜିଲା ତିହିଡ଼ି ବ୍ଲକ ମୁକୁନ୍ଦପୁର ପଞ୍ଚାୟତର କାଳିମେଘାରେ ଲକ୍ଷ୍ମୀନାରାୟଣ ପୂଜା ମହୋତ୍ସବ ଚାଲିଛି। ମଙ୍ଗଳବାର ରାତିରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବାସୁଦେବପୁର ବିଧାୟକ ବିଷ୍ଣୁବ୍ରତ ରାଉତରାୟ ଯୋଗଦେବା ସହ ଭଜନ ପରିବେଷଣ କରିଥିଲେ। ପୂଜା କମିଟିର ସଭାପତି ସୁରେଶ ମହାପାତ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାକୁ ସାମାଜିକକର୍ମୀ ସୁଜିତ କୁମାର ପ୍ରଧାନ ସଞ୍ଚାଳନ କରିଥିଲେ। ଅନ୍ୟତମ ଅତିଥି ଭାବେ ବରିଷ୍ଠ ନେତା କମଳାକାନ୍ତ ସ୍ୱାଇଁ, ବିଧାୟକଙ୍କ ପ୍ରତିନିଧି ବାପୁଜୀ ନାୟକ, ପୂର୍ବତନ ସରପଞ୍ଚ କୀର୍ତ୍ତନ ରାଉତ, ସାମାଜିକକର୍ମୀ ହେମନ୍ତ କୁମାର ମହାନ୍ତି, ପଞ୍ଚାୟତ ବିଜେଡ଼ି ସଭାପତି ଗଣେଶ ପ୍ରସାଦ ନାୟକ, କଣ୍ଠଶିଳ୍ପୀ ପଦ୍ମଲୋଚନ ପତି ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ବିଧାୟକ ସାମାଜିକ ଗଣମାଧ୍ୟମରେ ପ୍ରତିଷ୍ଠା ଲାଭ କରିଥିବା ବିଦ୍ୟାଧରପୁର ଗ୍ରାମର କୈଳାସ ହୋତାଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ପୂଜା କମିଟି ସମ୍ପାଦକ ସୁରେନ୍ଦ୍ର ସାହୁଙ୍କ ସମେତ ଅନ୍ୟ କର୍ମକର୍ତ୍ତାମାନେ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ।

# ପରିମଳ, ଟ୍ରାଫିକ, ଶାନ୍ତି ଶୃଙ୍ଖଳା ଉପରେ ଗୁରୁତ୍ୱ

## କାଳିପୂଜା ପାଇଁ ପ୍ରଶାସନର ପ୍ରସ୍ତୁତି ବୈଠକ

ବାସୁଦେବପୁର,୧।୧୧(ନାରାୟଣ ପ୍ରସାଦ ବାରିକ)

ବାସୁଦେବପୁର ପୌରପାଳିକା କାର୍ଯ୍ୟାଳୟ ପରିସରରେ ପ୍ରଶାସନ ଓ ପୂଜା କମିଟି ପକ୍ଷରୁ କାଳିପୂଜା ପାଇଁ ଏକ ପ୍ରସ୍ତୁତି ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଛି। ବାସୁଦେବପୁରରେ ପୂର୍ବ ବର୍ଷମାନଙ୍କ ପରି ଚଳିତ ବର୍ଷ ୪ଟି ପୂଜା ମଣ୍ଡପରେ ମା’ କାଳିଙ୍କର ଆରାଧନା କରାଯିବ। ପ୍ରଶାସନ ପକ୍ଷରୁ ପୂଜା କମିଟିକୁ ନେଇ ଏକ ସମନ୍ୱୟ ବୈଠକରେ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା ହୋଇଛି। ସହରରେ ପରିମଳ ବ୍ୟବସ୍ଥାକୁ ଠିକ୍ କରିବା, ପୂଜାମଣ୍ଡପ ସାମ୍ନା ତଥା ସହରରେ ରାସ୍ତାପାର୍ଶ୍ୱ, ଅସ୍ଥାୟୀ ପରିସ୍ରାଗାର ନିର୍ମାଣ ସହ ସ୍ଥାୟୀ ପରିସ୍ରାଗାର ସଫା ରଖିବା, ପାନୀୟ ଜଳ ଯୋଗାଣକୁ ସୁନିଶ୍ଚିତ କରିବା, ସହରକୁ ସିସିଟିଭି ସର୍ଭିଲାନ୍ସରେ ରଖିବା, ପୂଜା ମଣ୍ଡପରେ ପୋଲିସ ମୁତୟନ ରହିବା, ସୂଚନା କେନ୍ଦ୍ର ଖୋଲିବା, ଟ୍ରାଫିକ ନିୟନ୍ତ୍ରଣ କରିବା ସହ ପୂଜା ବେଳେ ପ୍ରତ୍ୟେହ ଅପରାହ୍ନ ୪ଟାରୁ ରାତି ୧୦ଟା ଯାଏ ଭାରୀଯାନ ଚଳାଚଳ ବନ୍ଦ ରଖିବା ଦିଗରେ ଆଲୋଚନା ହୋଇଥିଲା। ବୈଠକରେ ପୌରାଧ୍ୟକ୍ଷା ନିବେଦିତା ବେହେରା, ଏସ୍‌ଡିପିଓ ସୌରଭ ଓଟା, ଭାଇସ୍ ଚେୟାରମ୍ୟାନ ଉତ୍ତମ ବାରିକ, ପୌରପାଳିକା କାର୍ଯ୍ୟ ନିର୍ବାହୀ ଅଧିକାରୀ ସମୀର ରଞ୍ଜନ ଦାସ, ଆଇଆଇସି ଲୋପାମୁଦ୍ରା ନାୟକ, ଅତିରିକ୍ତ ତହସିଲଦାର ଅଜୟ କୁମାର ଦାସଙ୍କ ସମେତ ପୂଜା କମିଟିର ସଭାପତି, ସମ୍ପାଦକ ସଦସ୍ୟ ମାନେ ଉପସ୍ଥିତ ଥିଲେ।

# ମାଷ୍ଟରପ୍ଲାନ୍ ଅନୁଯାୟୀ ହେଉଛି ଡ୍ରେନ୍ ସର୍ଭେ

## କେନ୍ଦୁଝରଗଡ଼ ପୌରପାଳିକା

## ସୁଧୁରିବ ଜଳବନ୍ଦୀ ସମସ୍ୟା

କେନ୍ଦୁଝର,୧।୧୧(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ପୌରାଞ୍ଚଳରେ ସାଧାରଣ ବର୍ଷା ହେଲେ ସହରରେ ପାଣି ଜମୁଛି। ଏହାର ସମାଧାନ ପାଇଁ କେନ୍ଦୁଝର ନାଗରିକ ମଞ୍ଚ ଓ ବିଭିନ୍ନ ସଂଗଠନ ପକ୍ଷରୁ ଦାବି ପରେ ପୌରାଧ୍ୟକ୍ଷ ନିକୁ ସାହୁଙ୍କ ପ୍ରଚେଷ୍ଟାରେ ଏହାର ସମାଧାନ ପାଇଁ ଉଦ୍ୟମ ଆରମ୍ଭ ହୋଇଛି। ମାଷ୍ଟରପ୍ଲାନ୍ ମୁତାବକ ପ୍ରାଥମିକ ପର୍ଯ୍ୟାୟରେ ସହରର ୨୧ ୱାର୍ଡରେ କୋଲକାତାର ଏକ ସଂସ୍ଥା ଡ୍ରେନ୍ ସର୍ଭେ କାମ କରୁଛି। ସାଟେଲାଇଟ୍ ମେଶିନ ଜରିଆରେ(ଜିପିଏସ୍) ୪ଟିମ୍ କାମ କରୁଥିବା ବେଳେ ଏହା ପ୍ରାୟ ଦେଢ଼ ମାସ ଲାଗିବ। ପରେ ଡିଜାଇନ କାମ ପରେ ସବିଶେଷ ପ୍ରକଳ୍ପ ରିପୋର୍ଟ ପ୍ରସ୍ତୁତ ହେବ ବୋଲି ସଂସ୍ଥା ପକ୍ଷରୁ ଜଣାପଡ଼ିଛି। ପରେ କାମର ଟେଣ୍ଡର ହୋଇ କାମ ଆରମ୍ଭ ହେବ ବୋଲି ସଂସ୍ଥାର କର୍ମଚାରୀ ସଞ୍ଜୀବ ବିଶ୍ୱାସ କହିଛନ୍ତି। ଏ ନେଇ ନାଗରିକ ମଞ୍ଚର କାର୍ଯ୍ୟକାରୀ ସଭାପତି ଇଂ ଅଜୟ କୁମାର ସାହୁ କିପରି ମାଷ୍ଟର ଡ୍ରେନ୍ ପ୍ଲାନ୍ ଯୋଜନା ସଫଳ ହେବ ସେ ନେଇ ସଂସ୍ଥାର ପ୍ରତିନିଧିଙ୍କ ସହ ଆଲୋଚନା କରିଛନ୍ତି। ଯୋଜନା ସଫଳ ହେଲେ ସହରାଞ୍ଚଳର ବର୍ଷାଜଳ, ଘରୋଇ ଆବର୍ଜନା ପାଣି ଓ ଡ୍ରେନ୍ ପାଣି ସୁବିଧାରେ ନିଷ୍କାସିତ ହୋଇପାରିବ। ଫଳରେ କେନ୍ଦୁଝର ସହରରେ ସୁସ୍ଥ ପରିବେଶ ସୃଷ୍ଟି ହୋଇପାରିବ ବୋଲି ମତପ୍ରକାଶ ପାଉଛି।

# ଡଗରା ବେଳାଭୂମିରେ ଅଲିଭ ରିଡ୍‌ଲେଙ୍କ ଅଣ୍ଡାଦାନ


ଅଲିଭ୍‌ରିଡ୍‌ଲେ ଅଣ୍ଡା।

ବାଲିଆପାଳ, ୧।୧୧ (ଅମୂଲ୍ୟ କୁମାର ଦାସ)

ବାଲେଶ୍ୱର ଜିଲା ଚାନ୍ଦିପୁର ଫରେଷ୍ଟ ରେଞ୍ଜ ଅଧୀନସ୍ଥ ବାଲିଆପାଳ ବ୍ଲକର ଡଗରା-ଚଉମୁଖ ବେଳାଭୂମିରେ ଚଳିତବର୍ଷର ପ୍ରଥମ ଅଲିଭ୍ ରିଡ୍‌ଲେ କଇଁଛକୁ ଠାବ କରାଯାଇଛି। ସମୁଦ୍ର ପଥରେ ଯୋଜନ ଯୋଜନ ଦୂରତା ଅତିକ୍ରମ କରି ସୋମବାର ଗୋଟିଏ ଅଲିଭ୍‌ରିଡଲେ ଏହି ବେଳାଭୂମିରେ ପହଞ୍ଚି ଅଣ୍ଡା ଦେଇଛି। ଏହି କଇଁଛଟି ମୋଟ୍ ୧୦୬ଟି ଅଣ୍ଡାଦାନ କରିଛି ବୋଲି ଚାନ୍ଦିପୁର ରେଞ୍ଜ୍ ଅଫିସର ଗଣେଶ ପ୍ରସାଦ ଲେଙ୍କା ସୂଚନା ଦେଇଛନ୍ତି।

ବିରଳ ପ୍ରଜାତିର ଏହି କଇଁଛ ଓ ସେମାନଙ୍କ ଅଣ୍ଡାକୁ ସୁରକ୍ଷା ଦେବା ପାଇଁ ବନଖଣ୍ଡ ବିଭାଗ ପକ୍ଷରୁ ଅସ୍ଥାୟୀ କ୍ୟାମ୍ପ୍ ପ୍ରସ୍ତୁତ କରାଯିବା ସହ କର୍ମଚାରୀଙ୍କୁ ଜଗିବା ପାଇଁ ନିୟୋଜିତ କରାଯାଇଛି। ନିର୍ଦ୍ଧାରିତ ସମୟ ପୂର୍ବରୁ ବାଲେଶ୍ୱରକୁ ଅଲିଭ-ରିଡ୍‌ଲେଙ୍କ ଆଗମନ ବନ୍ୟପ୍ରାଣୀପ୍ରେମୀଙ୍କୁ ଉତ୍ସାହିତ କରିଛି।

# କାମରେ ଲାଗୁନି ମିଶନ ଶକ୍ତି ଗୃହ

## ବାରଣ୍ଡାରେ ଗଡୁଛି ମଦ ବୋତଲ

କେନ୍ଦୁଝର,୧।୧୧(ନରେଶ ଚନ୍ଦ୍ର ପଟ୍ଟନାୟକ)

ମିଶନ ଶକ୍ତି ଜରିଆରେ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀଙ୍କୁ ଅଧିକ ସୁଦୃଢ଼ ଓ ସ୍ୱାବଲମ୍ବୀ କରିବା ପାଇଁ ସରକାର ମିଶନ ଶକ୍ତି ଗୃହ ନିର୍ମାଣ କରି ଯୋଗାଇ ଦେଉଛନ୍ତି। କିନ୍ତୁ ଅନେକ ସ୍ଥାନରେ ଜମି ସମସ୍ୟା ଓ ଅର୍ଥ ବରାଦ ହେଉ ନ ଥିବାରୁ ଗୃହ କାର୍ଯ୍ୟ ଆରମ୍ଭ ହୋଇ ପାରୁନି। ଯେଉଁଠାରେ ନିର୍ମାଣ ସରିଛି ହସ୍ତାନ୍ତର ହୋଇ ନ ଥିବାରୁ କାମରେ ଲାଗିପାରୁନାହିଁ। ଫଳରେ ସେସବୁ ଗୃହରେ ତାଲା ପଡ଼ିଥିବା ବେଳେ ବାରଣ୍ଡାରେ ଅସାମାଜିକଙ୍କ ଆଡ୍ଡା ଜମୁଛି।

ପ୍ରକାଶ ଯେ, କେନ୍ଦୁଝର ଜିଲାର ସମସ୍ତ ୱାର୍ଡରେ ମିଶନ ଶକ୍ତି ଗୃହ ନିର୍ମାଣ କରାଯାଉଛି। ଏହି କ୍ରମରେ ଜିଲା ମୁଖ୍ୟାଳୟ କେନ୍ଦୁଝର ପୌରପାଳିକାରେ ସମୁଦାୟ ୨୧ ୱାର୍ଡରୁ ୧୯ ୱାର୍ଡରେ ଜମି ଚିହ୍ନଟ ହୋଇଥିବା ବେଳେ ୨ ୱାର୍ଡରେ ଜମି ମିଳିନାହିଁ। ୧୯ ମଧ୍ୟରୁ ୬ ୱାର୍ଡରେ ଗୃହ ନିର୍ମାଣ ପାଇଁ ଅର୍ଥ ମଞ୍ଜୁର ହୋଇଛି। ତେବେ ୬ଟି ୱାର୍ଡ ମଧ୍ୟରୁ କେତେକ ଗୃହ ନିର୍ମାଣ ସରିଥିଲେ ମଧ୍ୟ ହସ୍ତାନ୍ତର ହୋଇ ନ ଥିବାରୁ ତାଲା ପଡ଼ିରହିଛି। ସେଥି ମଧ୍ୟରୁ କେନ୍ଦୁଝର ସହର ତେଲକୋଇ ବସ୍‌ଷ୍ଟାଣ୍ଡ ନିକଟରେ ଥିବା ମିଶନଶକ୍ତି ଗୃହ କାର୍ଯ୍ୟ ସରିଥିଲେ ହେଁ ହସ୍ତାନ୍ତର ହୋଇନାହିଁ। ଫଳରେ ବାରଣ୍ଡାରେ ଅସାମାଜିକ ବ୍ୟକ୍ତି ମଦ୍ୟପାନ କରି ବୋତଲ ପକାଉଥିବା ଦେଖିବାକୁ ମିଳୁଛି।

ଜିଲା ସମାଜ ମଙ୍ଗଳ ଅଧିକାରିଣୀ ଗୌରମଣୀ ହାଁସଦା କହିଛନ୍ତି, ଗୃହ ହସ୍ତାନ୍ତର ହୋଇ ନ ଥିବାରୁ ବ୍ୟବହାର ହୋଇ ପାରୁନାହିଁ। ଖୁବ୍‌ଶୀଘ୍ର ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀଙ୍କୁ ହସ୍ତାନ୍ତର କରାଯିବ। ସେସବୁ ଗୃହରେ ସେମାନେ ସଭାସମିତି ଆୟୋଜନ କରିବା ସହ ପ୍ରସ୍ତୁତ କରୁଥିବା ସାମଗ୍ରୀ ପ୍ରଦର୍ଶନ, ବିକ୍ରିବଟା ଆଦି କରିବେ। ମିଶନଶକ୍ତି ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ଶିଶିର ଷଡ଼ଙ୍ଗୀ କହିଛନ୍ତି, କେତେକ ସ୍ଥାନରେ ଜମି ମିଳୁ ନ ଥିବାରୁ ଗୃହ ନିର୍ମାଣ ହୋଇ ପାରୁନାହିଁ। ଅନ୍ୟ ୬ଟି ପାଇଁ ଅର୍ଥ ମଞ୍ଜୁର ହୋଇ କାମ ଚାଲିଛି। ଅଦ୍ୟାବଧି ଗୋଟିଏ ହେଲେ ଗୃହ ହସ୍ତାନ୍ତର ହୋଇ ନ ଥିବାରୁ କେତୋଟି ସରିଛି ଜଣାପଡୁନାହିଁ।



କେନ୍ଦୁଝର ସହର ତେଲକୋଇ ବସ୍‌ଷ୍ଟାଣ୍ଡ ନିକଟରେ ଥିବା ମିଶନଶକ୍ତି ଗୃହ ।

# କଂଗ୍ରେସରେ ଯୋଗଦେଲେ ଅନ୍ୟ ଦଳର ୨୦ କର୍ମୀ

ଖଇରା, ୧।୧୧(ଉତ୍କଳବନ୍ଧୁ ପଣ୍ଡା)

ବାଲେଶ୍ୱର ଜିଲା ସିମୁଳିଆ ନିର୍ବାଚନମଣ୍ଡଳୀ ଅଧୀନ ଖଇରା କଂଗ୍ରେସ କାର୍ଯ୍ୟାଳୟରେ ବୁଧବାର ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି । ସିମୁଳିଆର ଯୁବ କଂଗ୍ରେସ ସଭାପତି ନିରଞ୍ଜନ ପରିଡାଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ହିମାଂଶୁ ଶେଖର ବେହେରା ଯୋଗଦେଇ ସିମୁଳିଆରେ କଂଗ୍ରେସ ସାଧାରଣ ଗରିବ, ଖଟିଖିଆଙ୍କ ପାଇଁ ଲଢେଇ କରୁଛି ଏବଂ ଆଗାମୀ ଦିନରେ ଏହା ଜାରି ରହିବ ବୋଲି କହିଥିଲେ। କଂଗ୍ରେସ ଉପରେ ଆସ୍ଥା ପ୍ରକଟ କରି କୁପାରୀ ପଞ୍ଚାୟତର ଯୁବନେତା ନରେଶ କୁମାର ବିଶ୍ୱାଳ, ଚନ୍ଦା ମହାପାତ୍ର, ଅକ୍ଷୟ ମୁଖୀ, ନିଳାଦ୍ରୀ ମୁଖୀ, ସୁବାଷ ବେହେରା, ପ୍ରିତମ ଦାସ, ବେଣୁଧର ମୁଖୀ, ଶୁକୁଟା ମୁଖୀ, ବାବାଜୀ ସିଂ, ରିନା ସିଂ, ମାମା ମୁଖୀ, କୁନୁମୁନୁ ମୁଖୀ, ଶୁକଦେବ ମୁଖୀଙ୍କ ସମେତ ବହୁ ପରିବାର ଅନ୍ୟ ଦଳରୁ ଆସି କଂଗ୍ରେସରେ ଯୋଗଦାନ କରିଥିଲେ। ଏଭଳି ମିଶ୍ରଣ ପରେ କୁପାରୀ ଅଞ୍ଚଳରେ କଂଗ୍ରେସ ସ୍ଥିତି ମଜଭୂତ୍ ହୋଇଥିବାର କୁହାଯାଉଛି ।

